AMARISATYA
Estd.: 2006
ODISHA

ମାସିକ ଇ-ପତ୍ରିକା

# ଆମ କବିତା

- ଦ୍ୱିତୀୟ ବର୍ଷ
- ଦଶମ ସଂଖ୍ୟା
- ଅକ୍ଟୋବର ୨୦୨୩



# ଆମ କବିତା

ଦ୍ୱିତୀୟ ବର୍ଷ ❖ ଦଶମ ସଂଖ୍ୟା ❖ ଅକ୍ଟୋବର ୨୦୨୩

### ମାର୍ଗଦର୍ଶକ

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

### ସମ୍ପାଦକ

**ନିଶିକାନ୍ତ କହଲସିଂହ**

### ଉପଦେଷ୍ଟା ମଣ୍ଡଳୀ

ସମରଜିତ ପଟ୍ଟନାୟକ

ବାବାଜୀ ଚରଣ ଜେନା

ବିଭୁପ୍ରସାଦ ହରିଚନ୍ଦନ

### ସହଯୋଗୀ ସମ୍ପାଦକ ମଣ୍ଡଳୀ

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

### ପ୍ରଚ୍ଛଦ ଓ ଅଙ୍ଗସଜ୍ଜା

ରାଜୀବ ରଥ

ପ୍ରୀତମ ବଳିୟାରସିଂହ


ଆମରି ସତ୍ୟ

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା

ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

# ସମ୍ପାଦକୀୟ



ତୁମେ ଆସିବ ବୋଲି
ଧରଣୀରାଣୀ ଉଢେଇ ଦେଇଛି
କାଶତଣ୍ଡୀର ଶୁଭ୍ର ପଣତ
ପବନ ବଜାଇଲାଣି
ମଙ୍ଗଳ ମହୁରୀ...........,
ତୁମ ବେଲ ବରଣ ପାଇଁ
ବେଲ ଗଛରେ ଝଲମଲ ହେଲେଣି
ସବୁଜ ପତ୍ରମାନେ,
ତୁମ ପାଦ ଧୋଇବାକୁ
ନିର୍ମଳ ହୋଇ ଗଲାଣି
ନଦୀ, ସରସୀର ଜଳ........।।

ତୁମ ଆଗମନର ଆନନ୍ଦରେ
ଜହ୍ନ-ତାରା ଜାଳିବାକୁ
ଆଲୋକର ରୋଶଣି
ପ୍ରସ୍ତୁତ ହେଲେଣି
ଆକାଶର ଅଗଂନରେ.......
ଝରି ପଡିଲେଣି ବାଟସାରା
ସୁନ୍ଦରୀ ଶେଫାଳୀ ମାନେ
ଖାସ୍ ........ତୁମେ........
ସେଇବାଟେ ଆସିବ ବୋଲି ।।

ଝରଣାର କୁଳୁକୁଳୁ ନାଦରେ
ଶୁଭେ ନର୍ତ୍ତକୀର ନୂପୁର ନିକ୍ୱଣ,
ତୁମ ଆବାହନୀ ପାଇଁ
ପକ୍ଷୀଙ୍କର କାକଳୀରେ
ଉଚ୍ଚାରିତ ତୁମ ସହସ୍ର ନାମ.......,
ଏ ମାଟିର ବଦ୍ଧ ଜୀବ
ହାତେ ଧରି ଷୋଳପୂଜା ଫୁଲ
ଶୋଧନ କରିଛି ତା'ର
ମନର ମେଢ଼କୁ..........,
ପ୍ରେମର ଗଙ୍ଗାଜଳ ଛିଞ୍ଚି
ପବିତ୍ର କରିଛି ତା'ର
ହୃଦୟର ଆସ୍ଥାନକୁ........
ଖାସ୍......ତୁମେ ଆସିବ ବୋଲି ।।

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ପାର୍ବଣର ମହାସୁଖ | ମନୋଜ ପଟ୍ଟନାୟକ | ୭ |
| ୨. | କରୁଣାମୟୀ ମା' | ସୁକାନ୍ତି ମିଶ୍ର | ୮ |
| ୩. | ମୁଁ ଓ ପାର୍ବଣ | ରମେଶ ମଙ୍ଗରାଜ | ୯ |
| ୪. | ପାର୍ବଣ | ଆଶୁତୋଷ ମେହେର | ୧୦ |
| ୫ | ଭୁବନ ମନମୋହିନୀ | ଜ୍ୟୋସ୍ନା ମହାନ୍ତି | ୧୧ |
| ୬. | ଆସିଛ ତ ମାଆ | ରମେଶ ଚନ୍ଦ୍ର ମିଶ୍ର | ୧୨ |
| ୭. | ପାର୍ବଣ ଆସିଛି | ବାବାଜୀ ଚରଣ ଜେନା | ୧୩ |
| ୮. | ମାଆକୁ ସ୍ୱାଗତ | ତାରାପ୍ରସାଦ ଜେନା | ୧୪ |
| ୯. | ଜଗତ କଲ୍ୟାଣମୟୀ | ଦିବାକର ନାୟକ | ୧୫ |
| ୧୦. | ଧରାବତରଣେ | ପ୍ରଜ୍ଞା ମହାନ୍ତି | ୧୬ |
| ୧୧. | ତୁମ ଆଗମନେ ମା' | ସବିତା ମହାପାତ୍ର | ୧୭ |
| ୧୨. | ଶରଦେ ଶାରଦା | ଟୁନପ୍ରିୟା ସ୍ୱାଇଁ | ୧୮ |
| ୧୩. | ପାର୍ବଣ ଆସିଛି | ପୁଷ୍ପାଞ୍ଜଳି ପଣ୍ଡା | ୨୦ |
| ୧୪. | ମାନସ ପୂଜା | ବାସନ୍ତୀ ଦାସ | ୨୧ |
| ୧୫. | ପାର୍ବଣ.... | ଜୟନ୍ତୀ ସ୍ୱାଇଁ | ୨୨ |
| ୧୬. | ପାର୍ବଣେ ମାଆ ଦୁର୍ଗେ | ସୌଦାମିନୀ ସାହୁ | ୨୩ |
| ୧୭. | ଧର୍ମର ହେଉ ଜୟ | ସଂଯୁକ୍ତା ମହାପାତ୍ର | ୨୪ |
| ୧୮. | କାଶତଣ୍ଡୀ | ସୁନନ୍ଦା ମହାନ୍ତି | ୨୫ |
| ୧୯. | ଶାନ୍ତି ରୂପେଣ... | ଅଞ୍ଜଳି ଦାସ | ୨୬ |
| ୨୦. | ପାର୍ବଣ କହେ | ସୁଲୋଚନା ସ୍ୱାଇଁ | ୨୭ |
| ୨୧. | ପାର୍ବଣ | ଡକ୍ଟର ଚପଳା ପଣ୍ଡା | ୨୮ |
| ୨୨. | ଶରତ ଆସିଛି | ବିଷ୍ଣୁପ୍ରିୟା ପ୍ରତାପସିଂହ | ୨୯ |
| ୨୩. | ପାର୍ବଣ | ସୂର୍ଯ୍ୟକାନ୍ତି ଦାଶ | ୩୦ |
| ୨୪. | ପାର୍ବଣ | ଆରତୀ ମଞ୍ଜରୀ ଦାଶ | ୩୧ |
| ୨୫. | ମା' ଦୁର୍ଗତିନାଶିନୀ | ସଂଯୁକ୍ତା ଚମ୍ପତିରାୟ | ୩୨ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ଜଗତଜନନୀ ମା' ଦୁର୍ଗା | ଡ. ସନ୍ତୋଷ କୁମାର ପଣ୍ଡା | ୩୩ |
| ୨୭. | ସିଂହବାହିନୀ ମା ଦୁର୍ଗେ | ବନ୍ଦନା ମହାପାତ୍ର | ୩୪ |
| ୨୮. | ଈଶ୍ୱର ଜୀବିତ | ଦୀନକୃଷ୍ଣ ମହାପାତ୍ର | ୩୫ |
| ୨୯. | ପାର୍ବଣ | ମିନତି ଶତପଥୀ | ୩୬ |
| ୩୦. | ଆସିଛି ପାର୍ବଣ | କାଞ୍ଚନ ସାହୁ | ୩୭ |
| ୩୧. | ଆସୁଛି ପାର୍ବଣ ପର୍ବ | ଛବିରାଣୀ ପତି | ୩୮ |
| ୩୨. | ନିଆରା ପାର୍ବଣ | କାଳନ୍ଦୀ ଚରଣ ପାଳ | ୩୯ |
| ୩୩. | ଦେହାଗ୍ନି | ପଙ୍କଜିନୀ ଉପାଧ୍ୟାୟ | ୪୦ |
| ୩୪. | ପାର୍ବଣ | ସୁହଂସ ଭୋଇ | ୪୨ |
| ୩୫. | ପାର୍ବଣ | ଜ୍ୟୋତିପ୍ରଭା ପଟ୍ଟନାୟକ | ୪୩ |
| ୩୬. | ଦୁର୍ଗତି ନାଶିନୀ ମାଆ... | ଜିତେନ୍ଦ୍ର କୁମାର ନାୟକ | ୪୪ |
| ୩୭. | ବିଜେ ନବଦୁର୍ଗା | ଗୋପାଳ ଚନ୍ଦ୍ର ମିଶ୍ର | ୪୫ |
| ୩୮. | ଦୟାମୟୀ | ବୈଶାଳୀ ସାହୁ | ୪୬ |
| ୩୯. | ଆସ ମା' | ନିରୁପମା ପାଣି | ୪୭ |
| ୪୦. | ମାଆ ଆସୁଛନ୍ତି | ଅମୀୟ କୁମାର ସାହୁ | ୪୮ |
| ୪୧. | ଦେବୀଙ୍କ ଧରାବତରଣ | ଚନ୍ଦ୍ରକଳା ଦେବୀ | ୪୯ |
| ୪୨. | ଆସୁଛି ପାର୍ବଣ | ଆରତୀ ପ୍ରହରାଜ | ୫୦ |
| ୪୩. | ମା' ଆସୁଛି ପାର୍ବଣ ସହ | କଳ୍ପନା ମିଶ୍ର | ୫୧ |
| ୪୪. | ପାର୍ବଣ | ସୁରାତ୍ରୀ ପ୍ରଧାନ | ୫୨ |
| ୪୫. | ପାର୍ବଣ | ଅଶେଷ ଲୋଚନ ଆଚାର୍ଯ୍ୟ | ୫୩ |
| ୪୬. | ପାର୍ବଣ | ବିଶ୍ୱନାଥ କର | ୫୪ |
| ୪୭. | ମା' ଦଶଭୂଜା | ସନ୍ତୋଷିନୀ ଦାଶ | ୫୫ |
| ୪୮. | ପାର୍ବଣ | ନଳିନୀ ପ୍ରଭା ମିଶ୍ର | ୫୬ |
| ୪୯. | ପାର୍ବଣ | ବୀଣାପାଣି ଦେବୀ | ୫୭ |
| ୫୦. | ପାର୍ବଣ | ନଳିନୀ ପ୍ରଭା ଦାସ | ୫୮ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୫୧. | ପାର୍ବଣ | ସସ୍ମିତା ବାରିକ | ୫୯ |
| ୫୨. | ଜଗତଜନନୀ | ଜ୍ୟୋସ୍ନା ପଟ୍ଟନାୟକ | ୬୦ |
| ୫୩. | ପାର୍ବଣ | ଅଳକା ଦାସ | ୬୧ |
| ୫୪. | ମା' ଦଶଭୁଜା | ସୀମା ମେହେର | ୬୨ |
| ୫୫. | ଦୁର୍ଗତିନାଶିନୀ ମାଆ ଦୁର୍ଗା | ପ୍ରତିମା ମହାରଣା | ୬୩ |
| ୫୬. | ଦେବୀ ଦୁର୍ଗା | ଯମେଶ୍ୱର କହଲସିଂହ | ୬୪ |
| ୫୭. | ପ୍ରୀତିର ପାର୍ବଣ ସଂଧ୍ୟା | ରତ୍ନପ୍ରଭା ବାଇ | ୬୫ |
| ୫୮. | ମାଆଙ୍କ ପାଇଁ | ଆରାଧନା ଦାଶ | ୬୬ |
| ୫୯. | ଗୋ କଲ୍ୟାଣୀ | ଜୟଶ୍ରୀ ପଟ୍ଟନାୟକ | ୬୭ |
| ୬୦. | ଦୁଷ୍ଟ ସଂହାରି ଦେବୀ | ହାସ୍ୟମୟୀ ରାଜ | ୬୮ |
| ୬୧. | ଦେବୀ କୃପା | ନିଶିକାନ୍ତ କହଲସିଂହ | ୬୯ |



# ପାର୍ବଣର ମହାସୁଖ

**ମନୋଜ ପଟ୍ଟନାୟକ**

ଜୀବନ ତ ଏକ ରତୁ ବିଶେଷାଙ୍କ
ଜିଇଁବାର କଥା କୁହେ
ଜୀବନରେ ନିତି ନୂଆ ଅଭିଯାତ୍ରା
ଦିନ ରାତି ଚାଲୁଥାଏ ।।୦।।

ବୈଶାଖ ଶ୍ରାବଣ କାର୍ତ୍ତିକ ଆଶ୍ୱିନ
ପାଳି କରି ଆସେ ଯାଏ
ଗ୍ରୀଷ୍ମ ବର୍ଷା ଶୀତ ହେମନ୍ତ ବସନ୍ତ
ରୂପ ରଙ୍ଗ ଭରୁଥାଏ,
ଜୀବନରେ ଆସେ ସ୍ୱପ୍ନ ଅଭିସାର
ଅଦିନେ ମହକିଯାଏ ।।୧।।
ଜୀବନ ତ ଏକ.............

ଜୀବନରେ ମୁହିଁ ପାଳିନାହିଁ କେବେ
ନିରାଶାର ମିଛ ଶୋକ
ଜୀବନରେ ମୋ'ର ସବୁଦିନେ ପରା
ପାର୍ବଣର ମହାସୁଖ,
ଜୀବନରେ ଘଟେ କେତେ ଯେ ବିସ୍ମୟ
ଜନ୍ମରୁ ମରଣ ଯାଏଁ ।।୨।।
ଜୀବନ ତ ଏକ.............

'ଆଶ୍ରୟ'
ପ୍ଲଟ୍ ନଂ- ଡି/୯୯, ସେକ୍ଟର-୭
ମର୍କତନଗର, କଟକ-୧୪

# କରୁଣାମୟୀ ମା'

ସୁକାନ୍ତି ମିଶ୍ର



ଯେ'ଦିନ ଶୁଣିଲି
ସଞ୍ଜ ନଈକୂଳେ
ଜହ୍ନିଫୁଲ ମିଠାଗପ..
ଯେ'ଦିନ ଦେଖିଲି
ପାରବଣ  ହସେ
କାଶ ନବବଧୂ ରୂପ.....

ଯେ'ଦିନ ବାନ୍ଧିଲି
ଘାସର ମଥାରେ
କାକରଫୁଲରେ ବେଣୀ..
ଗଙ୍ଗଶିଉଳିର
ଆଖିରେ ପଢ଼ିଲି
ଋତୁର ନୂଆ କାହାଣୀ.....

ଯେ'ଦିନ ପାଇଲି
ସରାଗରେ ଲେଖା
ଛୁରିଅନା ହାତଚିଠି...
ଲାଗିଲା ଯେମିତି
କରୁଣାମୟୀ ମା'
ଧରାପରେ ଆସିଛନ୍ତି.....

ଜହ୍ନ ହସୁଥିଲା
ଅଳପ ଅଳପ
ଆନମନା ନୀଳକଇଁ...
ଆସୁଥିଲ ତୁମେ
ଖୁସିଫୁଲ ବାଣ୍ଟି
କରୁଣା ଭଣ୍ଡାର ଫେଇ.....

ଝୁଣା ଅଗୁରୁର
ମହ୍ଲାର ମହକେ
ପୁଲକି ଉଠିଲା ଧରା....
ଆଜି ହୋଇଗଲା
ଏ ମନ ମଲାଟେ
ତବ ଛବି ଅପାଶୋରା......
ଜୟ ମା ଦୁର୍ଗେ...

"ସମ୍ପର୍କ "
ସାରସ୍ୱତ ନଗର,
ସିଦ୍ଧମହାବୀର, ପୁରୀ-୨



# ମୁଁ ଓ ପାର୍ବଣ

**ରମେଶ ମଙ୍ଗରାଜ**

ପାର୍ବଣ ଆସଇ ଆନନ୍ଦ ବାଣ୍ଟଇ
ମୁଁଉ ଦୁଃଖ ପାଇଥାଏ
ମୋ' ଦୁଃଖ କାରଣ ଜାଣଇ ପାର୍ବଣ
ଆଉ ବା ଜାଣିବ କିଏ...

ମହାନବମୀର ପବିତ୍ର ତିଥିରେ
ବୋଉ ମୋର ଚାଲିଗଲା
ତା' କୋଳର ଆମେ ଚାରୋଟି ସନ୍ତାନ
ସେତେବେଳେ ଛୋଟପିଲା
ବୋଉ କଥା ଭାବି ପ୍ରତି ଅଣିଣରେ
ଆଖି ମୋର ଓଦା ହୁଏ
ପାର୍ବଣ ଆସଇ....||

ଧୋବ ଫରଫର କାଶତଣ୍ଡୀ ହସେ
ପାର୍ବଣର ଗୀତ ଗାଇ
ଧୂପମଣ୍ଡପରେ ଦେବୀଙ୍କୁ ଦେଖିଲେ
ମାଆ ମୁହଁ ଦିଶୁଥାଇ
ମାଆ ଛେଉଣ୍ଡର ଦୁଃଖକୁ ସତରେ
ପୂରଣ କରିବ କିଏ
ପାର୍ବଣ ଆସଇ....||

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା,
ଖୋର୍ଦ୍ଧା-୭୫୨୦୫୪



# ପାର୍ବଣ

**ଆଶୁତୋଷ ମେହେର**

ଦୂର ପାଟବିଲେ ଥିରି ପବନରେ
କାଶତଣ୍ଡୀ ଯେବେ ହସେ,
ଆକାଶରେ ଭାସେ ଧଳା କପାମେଘ
ପାର୍ବଣ ଧସେଇ ପଶେ......।।୦।।

ଶରତ ସକାଳ ଶୀତଳ ବାଆରେ
ଝରା ଶେଫାଳୀର ବାସ,
ତଳେ ଲୋଟି ହସେ ହାତ ପରଶକୁ
ହୃଦୟେ ସାଇତା ଆଶ,
ତଳୁ ଉଠିବାର ମନ ବଡ଼ପଣ
ପ୍ରଭୁଙ୍କ ଚରଣ ଆଶେ.......।।୧।।

ମାଟି ରୂପ ନିଏ ଶକ୍ତିସ୍ୱରୂପିଣୀ
କରାଳ ଶୀତଳ ରୂପ,
ଦୁଷ୍ଟ ଥରହର ପୂଜାର ମହକେ
ଅଗୁରୁ, ଚନ୍ଦନ, ଧୂପ
ଜଗତଟା ବାସେ ପାର୍ବଣ ପାର୍ବଣ
ତାଙ୍କରି ଆଶୀଷ ବଶେ.......।।୨।।

ଲେଲିହାନ ଶିଖା ରାବଣ ଦହନେ
ଦୁଷ୍ଟ ପାମରଙ୍କୁ ତ୍ରାସେ,
ହାତ ଯୋଡି ମାଗେ ଶୋକ ବଇରାଗୁ
ମୁକତି ଲଭିବା ଆଶେ
ପାର୍ବଣରେ ପରା ତାଙ୍କ ଶ୍ରୀବଚନ
ଜୀବନକୁ ପରକାଶେ.......।।୩।।

ସବୁଠି ମହକେ ଶକତିର ଖେଳା
ମଣିଷ ଜୀବନ ଧାରା,
ଜନନୀ ଆଶିଷ ଅମୃତ ଲହରୀ
ଏକୂଳ ସେକୂଳ ଭରା
ପାର୍ବଣ ପାର୍ବଣେ ଧରା ମାଟି ନଭ
ସରଗ ସରଗ ବାସେ........।।୪।।

୫୪, ଆର୍ଯ୍ୟପଲ୍ଲୀ,
କିଟ୍ ଛକ ପଟିଆ,
ଭୁବନେଶ୍ୱର- ୭୫୧୦୨୪

# ଭୁବନ ମନମୋହିନୀ

ଜ୍ୟୋତ୍ସ୍ନା ମହାନ୍ତି

ଆଶ୍ୱିନ ସକାଳେ ଶାରଦ ଆକାଶେ
ବାଜେ ମାଆର ମଂଜିର ଧ୍ୱନୀ
ଉଷା ଆଲୋକରେ ପକ୍ଷୀ କାକଳୀରେ
କେ ଗାଏ ଶୁଭ ଆଗମନୀ
ଶେଫାଳି ଝରା ପଥେ ଆସ ମାଆ
ଦୁର୍ଗେ ଦୁର୍ଗତିନାଶିନୀ
ରକ୍ତ ପଦ୍ମପରି ଚରଣ ଯୁଗଳ
ମରତେ ରଖ ଜନନୀ.. ||
ମନ୍ଦିରେ ମଣ୍ଡପେ ମଙ୍ଗଳ ପ୍ରଦୀପ
ହୁଳହୁଳି ଶଙ୍ଖଧ୍ୱନି
ବ୍ରାହ୍ମଣ ମନ୍ତ୍ରରେ ଜନତା କଣ୍ଠରେ
ଆନନ୍ଦର ଆବାହନୀ
ମହାଳୟା ଠାରୁ ଦଶହରା ଯାଏଁ
ଷୋଡଶୋପଚାରେ ପୂଜା
ଚିନ୍ମୟୀ ମାଆ ମୃଣ୍ମୟୀ ରୂପେ
ବିରାଜିତା ଦଶଭୁଜା... ||
ଭାବୁଁ ସର୍ବଦା ରଖିବୁ ତୁମକୁ
କରିବୁନି ବିସର୍ଜନ
ପାରିବ ରଖି କେ ଶଙ୍କର ଘରଣୀ
କଇଳାସ କରି ଶୂନ୍ୟ..?
ସନ୍ତାନର ସ୍ନେହେ ବନ୍ଧା ମହାମାୟା
ଭୁବନ ମନମୋହିନୀ
ଆଶୀଷ ଦେବାକୁ ଆସ ବାରମ୍ବାର
ଅଭୟ ବରଦାୟିନୀ...

ଶ୍ରୀ ଅରବିନ୍ଦ ଆଶ୍ରମ,
ପଣ୍ଡିଚେରୀ



# ଆସିଛ ତ ମାଆ

ରମେଶ ଚନ୍ଦ୍ର ମିଶ୍ର

ଆସିଛ ତ ମାଆ ମରତ ଭୂଇଁକୁ
ଦେଖ ଦେଖ ଆମ ଦୁଃଖ କେମିତି ବଳିଯାଏ
ମହିରାବଣର ମାୟାଜାଲରେ ପଡ଼ି
ମଣିଷ କିପରି ଛଟପଟ ଖାଲି ହେଉଥାଏ ॥

ହଜିଯାଉଅଛି ସେନେହ ସୋହାଗ
ପ୍ରେମ ପ୍ରୀତି ଶାନ୍ତି ଏଇ ମଣିଷର ମନତଳୁ
ମଣିଷ ଭିତରୁ ମଣିଷପଣିଆ
କାହା ଅଭିଶାପେ ଲୁପ୍ତ ହେଇଛି ସମୂଳରୁ ॥

କ୍ଷମତା ଓ ଅର୍ଥ କାଦମ୍ବରୀ ପିଇ
ପ୍ରମତ୍ତ ହୋଇଛି ଏରକାର ବନେ ମନୁସୁତ
ଭୁଲିଛି ନିଜକୁ ପାଶୋରି ଦେଇଛି
ଏଇ ଧରାତଳେ କାହିଁକି ହୋଇଛି ସମ୍ଭୂତ ॥

ଜନନୀ ଭଗିନୀ ଜାୟା ଅବତାରେ
ନାରୀ ଆସିଅଛି ଧରାକୁ ତୁମର ଇଚ୍ଛାମତେ
ଭୁଲିଯାଏ ବୋଲି ଶୃଙ୍ଖଳ ଧାରା
ଅବିନ୍ୟସ୍ତ ହୋଇ ଯାଇଅଛି ମାଆ ସୃଷ୍ଟିପଥେ ॥

ଆଖିରେ ତାହାର କାମନାର ନିଆଁ
ନାରୀର ସଂଭ୍ରମ ଲୋଟିଯାଏ ତା'ର ବାହୁତଳେ
ଯୌନ ବାସନା ତୃପ୍ତି ସାଧନେ
ପଶୁ ପ୍ରବୃତ୍ତି ଜାଗିଉଠେ ତା'ର ମନତଳେ ॥

ତୁମେ ତ ଆସିଛ ଶାନ୍ତିମୟୀ ମାଆ
ଦଶଭୁଜେ ତୁମ ଦଶ ପ୍ରହରଣ ଝଟକୁଛି
ଧ୍ୱଂସ କର ମା' ଦାନବ ସମାଜ
ସୃଜନୀର ପଥେ ଯିଏ ଉତ୍ପାତ କରୁଅଛି ॥

ତୁମେ ସରସ୍ୱତୀ ତୁମେ ତ ଲକ୍ଷ୍ମୀ
ତୁମେ ଦୁର୍ଗା ପୁଣି ରୁଦ୍ରାବତାର ମହାକାଳୀ
ଶାନ୍ତି ସ୍ଥାପନ କର ଏ ଧରାରେ
ଦାନବୀୟ ଯେତେ ଦୁଷ୍ଟ ଶକ୍ତି ଦିଅ ଦଳି ॥

ତାପସ କୁଟୀର,
ବଇଣ୍ଡା, ଅନୁଗୋଳ



# ପାର୍ବଣ ଆସିଛି

**ବାବାଜୀ ଚରଣ ଜେନା**

ନଈପଠା ଧାରେ କାଶତଣ୍ଡି ହସେ
ଶରତର ସକାଳରେ
ଆକାଶରେ ଧଳା ବଉଦ ଭାସଇ
ଛବି ଦିଶେ ନୀଳଜଳେ,,,।୦।
ଧାଡି ବାନ୍ଧି ପକ୍ଷୀ ଉଡନ୍ତି ଆନନ୍ଦେ
ମିଠାମିଠା ଗୀତ ଗାଇ
ବନ ବନାନୀରେ ଫୁଲ ଫୁଟି କେତେ
ମହକ ତା' ଯାଏ ଛାଇ
ଦେଖଦେଖ ଆଜି ଉର୍ମି ଅଧିରା
ସାଗରର ବୁକୁ ପରେ,,,,।୨।
ପାର୍ବଣ ଆସିଛି ମରତ୍ତ ମାଟିକୁ
ହସ ଖୁସି କେତେ ନେଇ
ଶସାଗରା ଧରା ସଜେଇ ହୋଇଛି
ମାଆଙ୍କ ସ୍ୱାଗତ ପାଇଁ
ଚଉଦିଗେ ଶୁଭେ ଆବହନୀ ମନ୍ତ୍ର
ଯୋଡି ମହୁରୀର ସୁରେ,,,,।୨।

ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ-୪

# ମାଆାକୁ ସ୍ୱାଗତ

ତାରାପ୍ରସାଦ ଜେନା



ଧବଳ ମେଘରେ କାଶତଣ୍ଡୀ ହସେ
ମାଆର ସ୍ୱାଗତ ଲାଗି
ବରଷକେ ଥରେ ପାର୍ବଣ ପାଳିବେ
ଚାହିଁକି ଅଛନ୍ତି ଭୋଗୀ
......ଧବଳ ମେଘରେ କାଶତଣ୍ଡୀ ହସେ ...... ! ୦ !

ଅଧର୍ମ ମହିଷା ପ୍ରବଳ ମାତିଛି
ଧର୍ମର ଉଡୁନି ଧ୍ୱଜା
ଏସନ ପାଳକ ଭଲରେ ହେବାକୁ
ମାଆାକୁ ଚାଲିଛି ଖୋଜା,
ଶାନ୍ତିର କଲ୍ୟାଣ ମାଆ ତୁ ବରଷେ
ସନ୍ତାନ ଦେଉଛି ମାଗି
......ଧବଳ ମେଘରେ କାଶତଣ୍ଡୀ ହସେ ...... ! ୧ !

ମାଟିର ମଣିଷ ମାଟି କାମୁଡ଼ିକି
ଭାଗ୍ୟକୁ ନିନ୍ଦୁଛି ବସି
ଦୁଃଖର ବାଦଲ ହଟାଇଦେ ମାଆ
ଉଇଁବ ସୁଖର ଶଶୀ,
ମାଆ ଠାରେ ସିନା ଭରସା ରହିଛି
ଅକାଳେ ଯିବୁନି ରାଗୀ
......ଧବଳ ମେଘରେ କାଶତଣ୍ଡୀ ହସେ ...... ! ୨ !

ମାଟି ଘୋଡ଼ା ତୋର କୋଠିଘରେ ଅଛି
ଜୀବନ୍ତ ସତରେ ହେଉ
ନିଶା ଅର୍ଦ୍ଧେ ମାଆ ଘୋଡ଼ାରେ ବିରାଜି
ଦାଣ୍ଡକୁ ବୁଲିବୁ ଆଉ,
କାନକୁ ପାତିଲେ ଘଣ୍ଟି ଶୁଭୁଥିବ
ମାଆର ଅଭୟ ଲାଗି
......ଧବଳ ମେଘରେ କାଶତଣ୍ଡୀ ହସେ ...... ! ୩ !

ରଣପୁର (ଗୋଡ଼ିପାଟଣା ସାହି),
ରାଜ ରଣପୁର, ନୟାଗଡ଼-୭୫୨୦୨୬



# ଜଗତ କଲ୍ୟାଣମୟୀ

ଦିବାକର ନାୟକ

ସୃଷ୍ଟିର ପ୍ରଥମ ଉଚ୍ଚାରଣ ତୁ ମା'
ଜଗତ କଲ୍ୟାଣମୟୀ
ଘେନ ମୋ ପ୍ରଣତି ଦଶଭୁଜା ସତୀ
ଯଶ ତୋର କାଳଜୟୀ (୦)

ସର୍ବ ପ୍ରିୟଙ୍କରୀ ଉମା ମାହେଶ୍ୱରୀ
ମହୋଦରୀ ମହାକାଳୀ
ଦକ୍ଷ ରାଜା ସୁତା ଚଣ୍ଡିକା ବିନିତା
ବ୍ରହ୍ମବାଦିନୀ କରାଳି

ଚଉବର୍ଗଦାନୀ ପାପ ବିମୋଚିନୀ
ମୁକ୍ତକେଶୀ ମାଆ ତୁହି..
ସୃଷ୍ଟିର ପ୍ରଥମ ଉଚ୍ଚାରଣ ତୁ ମା'
ଜଗତ କଲ୍ୟାଣମୟୀ (୧)

ସାରଳା ଶାରଦା ଶିବାନୀ ବରଦା
ମହାଗୌରୀ ସିଦ୍ଧିଦାତ୍ରୀ
ଦକ୍ଷିଣ କାଳିକା ବିମଳା ଅମ୍ବିକା
ବନଦୁର୍ଗା କାଳରାତ୍ରି

କମ୍ବୁକଣ୍ଠୀ ମାତା ଅଯୋନୀ ସମ୍ଭୂତା
କ୍ଷମାମୟୀ ମା' ବାରାହୀ..
ସୃଷ୍ଟିର ପ୍ରଥମ ଉଚ୍ଚାରଣ ତୁ ମା'
ଜଗତ କଲ୍ୟାଣମୟୀ (୨)

ପାଟପୁର, କନିସି,
ଗଞ୍ଜାମ

# ଧରାବତରଣେ

**ପ୍ରଜ୍ଞା ମହାନ୍ତି**



ତବ ଧରାବତରଣେ
ମା'ଗୋ ମୋର ପରାଣେ
ଜଳି ଉଠୁ ତୁମ ଦିବ୍ୟଜ୍ୟୋତି
ସ୍ଫଟିକ ସମ ନିର୍ମଳ ରଖ ମୋତେ
ସଦାଶାନ୍ତ ରହୁ ମୋର ମତି।
ମୋ' କ୍ଷୁଦ୍ର ଜ୍ଞାନକୁ ନୀରବକର ମା'
ଆନ୍ତରିକ ଅନୁପାତ ବଢୁ
ତବ ଦିବ୍ୟାନନ୍ଦେ ଓତପ୍ରୋତ ରହେ
କ୍ଷଣିକ ବାସନା ଛିଡ଼ୁ।
ଶରୀର ଉପରେ ମନ ମାଲିକାନା
ହୋଇଯାଉ ଚିର ବନ୍ଦ
ରୂପାନ୍ତର ହେଉ ଅନ୍ତରଆତ୍ମାର
ମନରେ ନରଖି ଦ୍ୱନ୍ଦ୍ୱ।
ଖୋଲି ଧରିବାକୁ ସକ୍ଷମ ହୁଏ
ମୋ, ଚେତନାକୁ ତୁମ ପ୍ରତି
ଅବଚେତନା ଦମିତ କରିବାକୁ
ବଢାଅ ମୋ' ପ୍ରାଣେ ଶକ୍ତି ।
ବିନୀତ ଅନ୍ତର ତଳେ ବହୁଥାଉ
ତୁମ ପ୍ରେମ ଫଲଗୁଧାରା
ପାର୍ବଣେ ପାର୍ବଣୀ ପୂର୍ଣ୍ଣକର ଗୋ
ଶୂନ୍ୟ ଆଧାର ସାରା।

**ମାତୃନିବାସ,**
**ମାତୃବିହାର, ବୁଢ଼ାରଜା, ସମ୍ବଲପୁର**



# ତୁମ ଆଗମନେ ମା'

ସବିତା ମହାପାତ୍ର

ପାର୍ବଣ ଏକ ମମତାର ପ୍ରୀତି
ପାର୍ବଣ ଏକ ହୃଦୟର ସ୍ତୁତି,
ଅହମିକାର ଅନ୍ଧାର ଦେହରେ
ମା' ଦଶଭୁଜାଙ୍କର
ଏକ ଅମର କୀର୍ତ୍ତି।
ତୁମ ଆଗମନେ ମା'...
ଅଶିଣ ଆକାଶେ ରୋଷଣୀ ଜାଳିଛି
ବିହ୍ୱଳିତ ଚିତ୍ତେ ଶତ ତାରକା
ଗଙ୍ଗଶିଉଳି ଯେ ପୁଲକିତ ମନେ
ବିଛେଇ ଦେଇଛି ଫୁଲ ଗାଲିଚା,
ଗଙ୍ଗଶିଉଳି ଫୁଲର ସୁବାସ ଛାଡ଼ିଇ
ମହକଇ ତନୁ ମନ
ବିଳମ୍ବ ଆଉ ଯେ କରନା ଜମା ଗୋ
ଅଧିର ହେଲେଣି ଜନ,
ଅଧର୍ମର ପାପଭାରେ ଭରି ଯାଏ ସଂସାର
ଦୁରାଚାରୀ କରନ୍ତି ଯେ ସାମ୍ରାଜ୍ୟ ବିସ୍ତାର,
ସଙ୍କେତ ସଞ୍ଚାରି ଜଣାଇ ଦିଅ ମା'
ହୋଇଲା କି ଅବକାଶ,
ହୋଇଣ ଚଞ୍ଚଳା ଅଗ୍ନି ଶିଖା ଜାଳି
ପାପର କର ବିନାଶ।
ମା' ତୁମେ...
ଧର୍ମର ସ୍ୱାଧ୍ୟାୟ
ନ୍ୟାୟର ବିଧାୟ
ପାପାତ୍ମା ପରିବେଷ୍ଟନୀରେ
ମା' ତୁମେ
ଏକ ବିଶ୍ୱାସର ବିଜୟ।

କବିସୂର୍ଯ୍ୟନଗର, ଗଞ୍ଜାମ

# ଶରଦେ ଶାରଦା

ଟୁନପ୍ରିୟା ସ୍ୱାଇଁ



ସୁନୀଳ ଜଳରେ ଭାସେ ଫେନୀଳ ଆକାଶ,
ଶୁଭ୍ର ପୁଷ୍ପେ ବିମଣ୍ଡିତ ଶୋହେ ସାରା ଦିଶ,
କାଶତଣ୍ଡୀ ଛନ୍ଦେ ଛନ୍ଦେ ଆନନ୍ଦ ବିଭୋର,
ରଙ୍ଗଣୀ ଫୁଲେ ଆଞ୍ଜୁଳା ହୋଇ ଭରପୂର,
ସନ୍ଧ୍ୟା ଶେଫାଳିକୁ ବିଛେଇ,
ହର୍ଷୋତଫୁଲ୍ଲ ବଦନରେ ଛନ୍ତି ଅନାଇ (୧)

ଶ୍ୟାମଳ କେଦାରେ ଖେଳେ ସୁଖ ଲହରୀ,
ତଡ଼ାଗର ନୀଳୋତ୍ପଳ ନୟନ ଠାରି,
ନିମ୍ନଗାର ଉପକଣ୍ଠ, ବିଟପୀ ଓ ଖଗେ
ଚାହିଁ ରହିଛନ୍ତି ଏହି ବରଷାନ୍ତ ପାଗେ,
ନୂପୁର ବାଜେଣି ଖଞ୍ଜାଇ,
ରୁଣୁଝୁଣୁ ଶବଦରେ କମ୍ପିବ ମହୀ (୨)

ସ୍ୱାଗତ ତୋରଣ ସବୁ ହୋଇ ସଜ୍ଜିତ,
ସ୍ୱର୍ଣ୍ଣ, ରୌପ୍ୟ, ଦ୍ରବ୍ୟେ ମେଢ଼ ହୋଇ ମଣ୍ଡିତ,
ନୃତ୍ୟ, ଗୀତ, ତାଳେ ତାଳେ ଦିବସ ନିଶି,
ଅବତରି ଦୟାମୟୀ ହୃଦକୁ ତୋଷି,
ମରତ ହୋଇବ ସରଗ,
ମାଆ ସନ୍ତାନର ହେବ ମଧୁ ସଂଯୋଗ (୩)

ପୁରଠାରୁ ପଲ୍ଲୀଯାଏ ଆନନ୍ଦ ଭରା ,
କ୍ଷୀରି, ପୁରି, ପିଠା-ପଣା, ଖୁସିପସରା,
ପୂଜା କମିଟିର କର୍ମକର୍ତ୍ତା ତତ୍ପର,
ଶାନ୍ତିମୟ ପରିବେଶେ ପୂଜା ଏଥର,
ରଙ୍ଗୀନ ଆଲୋକ ମାଳାରେ,
ଝଲସୁଛି ସାୟଂକାଳ ସାରା ମର୍ତ୍ତ୍ୟରେ (୪)

ଗୁଆଘିଅ, ଚଣ୍ଡୀପାଠ, ବେଦ ବ୍ରାହ୍ମଣ,
ତିନିଦିନ ପୂଜାରେ ଭଜନ, କୀର୍ତ୍ତନ,
ଘଣ୍ଟ, ଘଣ୍ଟା ଶବଦରେ, ଝରିବାଣକୁ,
ମାଆଙ୍କ ଭସାଣି ହେବା ଆସେ ମନକୁ,
ଭକତିରେ ସନ୍ତୋଷ ମାଆ,
ମେଲାଣି ନେବେ ଜନନୀ କୋଳେଇ ଛୁଆ( ୫)

ଏବେ ଦେଖ ମୃତ୍ତିକାରେ କି ରଙ୍ଗ ବୋଳି,
ରସାୟନ ରଙ୍ଗ ଦେହ ଦିଏ ଝାଉଁଳି,
ଜରିଲଗା ପାଟଶାଢ଼ୀ, ମାଳ ପ୍ଲାଷ୍ଟିକି,
ଦ୍ୱି-ଅର୍ଥ ବୋଧ ଗୀତ, ଲାଗେ କେମିତି?
ଆଧାତ୍ମିକ ଚେତନା ଭୁଲି,
କେମିତି ଏ ପୂଜା ଦେଖ ଦରଜା ଖୋଲି (୬)

*ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...*

ଲକ୍ଷ, ଲକ୍ଷ, କୋଟି ଅର୍ଥେ ହେଉଛି ପୂଜା,
ମଦ, ମାଂସେ ବୁଡିରହି, ଅଶ୍ଳୀଳ ବାଜା,
ଭସାଣି ଯାତରେ ଦେଖ କି ଡକାୟତି,
ହିଂସା, କ୍ରୋଧ, ମାର, ପିଟ ଜନ୍ମାଏ ଭିତି,
ଦାନବଙ୍କ ଜୁଆର ବେଳ,
ଦାଦା ବଟି, ଠକେଇର ଛୁଟଇ ରୋଳ (୭)

ଦେଖ ମାଆ ଯଦି ଆସ ଏ ଧରା ଧାମ,
କେମିତି ଦୁର୍ବୃତ୍ତ କରେ ପଶୁର କାମ,
ଦିନ ଦ୍ଵିପହରେ ନାରୀ ହୁଏ ଧର୍ଷିତା,
ଜନ୍ମ ଶିଶୁଠାରୁ ବୃଦ୍ଧା, ଅବହେଳିତା,
ଜଗତର ଜନନୀ ହୋଇ,
କେଉଁ ଦୋଷେ ଶିଶୁ ନର୍ଦ୍ଦମାରେ ଜନ୍ମଇ? (୮)

ପୁରାଣ ଯୁଗରୁ ନାରୀ ଶକ୍ତି ପଢ଼ିଛୁ
ମାତା ସୀତେ, ବିଦ୍ୟୁତ କନ୍ୟା, କ୍ରିଷ୍ଣା ପାଇଛୁ,
ନାରୀ ରୂପେ ଅବତରି ଦାନବ ନାଶି,
ଧର୍ମ ସଂସ୍ଥାପନ କରିଅଛ ପ୍ରକାଶି,
ଆସିଅଛି ସେହି ସମୟ,
ସବୁ ନାରୀ ହୋଇଯିବେ ଦୁରୁଗା ମୟ (୯)

ଶେଷରେ ପୟର ପଦ୍ମେ କୋଟି ପ୍ରଣାମ,
ସଂସାରରୁ ପାପନାଶି ପୂରାଅ କାମ,
ରାଗ, ହିଂସା, କ୍ରୋଧ, ଦ୍ରୋହ, ନିଅ ଦୂରେଇ,
ସ୍ନେହ, ପ୍ରେମେ ଏ ହୃଦୟ ମଣ୍ଡିତ ହୋଇ,
ମର୍ତ୍ତ୍ୟକର ଅମୃତ ମୟ,
ସାରା ବିଶ୍ୱେ ଭାତୃତ୍ୱର ହେଉ ଉଦୟ (୧୦)

ଅସ୍ତରଙ୍ଗ, ପୁରୀ, ଓଡିଶା

# ପାର୍ବଣ ଆସିଛି

**ପୁଷ୍ପାଞ୍ଜଳି ପଣ୍ଡା**



ଶରତ ଆସିଲେ ପାର୍ବଣ ଆସଇ
ମରତେ ପୁଲକ ଖେଳଇ
ଦିବ୍ୟ ଆବାହନୀ ଗାଏ ବସୁନ୍ଧରା
ଶିଉଳୀ ଫୁଲକୁ ବିଛାଇ।।

ଆକାଶ ଧରିତ୍ରୀ ସ୍ୱଚ୍ଛ ଶୁଭ୍ର ରଙ୍ଗେ
ରଙ୍ଗାୟିତ ହୋଇ ଏକତ୍ର
ଶୁଷ୍କ ନିର୍ମଳ ସରସୀର ଜଳ
ଶୋଭା ବିମଣ୍ଡିତ ସର୍ବତ୍ର ।।

ଆଲଟ ଚାମର କାଶତଣ୍ଡୀ କରେ
ଶୁଭେ ଆଗମନୀ ନିରୁତା
ସ୍ନିଗ୍ଧ ସବୁଜିମା ସ୍ୱର୍ଣ୍ଣ ଫସଲରେ
ବଦଳୁଥିବାର  କବିତା।।

ଚମ୍ପା ଚାମେଲୀ  ମାଧବୀ ମହକେ
ନୃତ୍ୟ ରତା ପୁଷ୍ପ ତୋରଣ
ଗୋଧୂଳି ଲଗନେ ଅସ୍ତରାଗ ଗଙ୍ଗେ
ସୁନେଲି ସଞ୍ଜର ବରଣ।।

ମୃଦୁ ମନ୍ଦ ହାସ୍ୟେ ଇନ୍ଦୁର ପ୍ରକାଶ
ସୁନ୍ଦର ସୁନୀଳ  ଦିବ୍ୟତା
ଚୁନାଚୁନା ତାରାଫୁଲ ଫୁଟି ହାରେ
ସକଳ ପ୍ରାଣରୁ ଜଡ଼ତା।।

ପାର୍ବଣ ପରଶେ ସଭିଏଁ ହରଷେ
ଭିଜି ମକରନ୍ଦ ପ୍ରୀତିରେ
ସର୍ବାର୍ଥ ସାଧିକା  ଜଗଦ୍ଧାତ୍ରୀ ଦୁର୍ଗା
ଖୁସିକୁ ଆଣନ୍ତି  ସାଥିରେ।।

**ଯୋଜନା ସଂଯୋଜନା ବିଭାଗ,**
**ଓଡ଼ିଶା ସରକାର**

# ମାନସ ପୂଜା

ବାସନ୍ତୀ ଦାସ



ପ୍ରଥମେ ପୂଜିବି ମା' ମଙ୍ଗଳାଙ୍କୁ ଦ୍ୱିତୀୟେ ମା' 'ଶାରଳା
ତୃତିୟେ ବିମଳା ପଦେ ସେବାକରି କରିବି ଭକତ ମେଳା
ଚତୁର୍ଥେ ତାରିଣୀ ସଂକଟହାରିଣୀ ପଂଚମରେ ଉଗ୍ରତାରା
ଷଷ୍ଠରେ ବିରଜା ସପ୍ତମେ ଚର୍ଚ୍ଚିକା ଅଷ୍ଟମେ ମା' ରତ୍ନମ୍ବରା
ନବମରେ ଦୁର୍ଗା ଦୁର୍ଗତୀନାଶିନୀ ପାଦେ ଲଗାଇବି ଲୟ
ଦଶମରେ ଦଶମହାବିଦ୍ୟା ସେବି ମନକୁ କରିବି ଥୟ
ଏକାଦଶେ ତାରାତାରିଣୀ ପୂଜିବି ଦ୍ୱାଦଶେ ଅମ୍ବିକା ମାଆ
ତ୍ରୟୋଦଶେ ଗୌରୀମାତାଙ୍କୁ ପୂଜିବି ସଦାକାଳେ ହେବେ ସାହା
ଚତୁର୍ଦ୍ଦଶେ ପୂଜି କାମାକ୍ଷା ଦେବୀଙ୍କୁ କାମନା କରିବେ ପୂରା
ନାରାୟଣୀ ମାତା ତା'ପରେ ପୂଜିବି ହସିବ ସୁନ୍ଦର ଧରା
ପଞ୍ଚଦଶେ ଡାକି ଭୈରବୀ ମାତାଙ୍କୁ କହିବି ସୃଷ୍ଟିକୁ ରଖ
ଷୋଡ଼ଶେ ପାର୍ବତୀ ସତୀ ଶିରୋମଣୀ ଦେଖିବି ଚନ୍ଦନ ମୁଖ
ଷୋଳଦିନେ କରି ମାନସ ଭିତରେ ଷୋଳପୂଜା ହେବି ଧନ୍ୟ
ପୂରାହେବ ମୋର ମନର କାମନା ଆଉ ନ ଭାବଇ ଅନ୍ୟ ।

ସମ୍ପାଦିକା, ଶିଳାଶ୍ରୀ,
ଭୁବନେଶ୍ୱର



# ପାର୍ବଣ....

**ଜୟନ୍ତୀ ସ୍ୱାଇଁ**

ଆସିଲେ ପାର୍ବଣ ହୁଅଇ ଶ୍ରବଣ
ମାଆଙ୍କ ମଙ୍ଗଳ ଗୀତି
ପବିତ୍ର ମନରେ ମାଆଙ୍କ ଗାନରେ
ବିମୋହିତ ହୁଏ ମତି...॥

ଗାଆଁରୁ ସହର ଉତ୍ସବ ମୁଖର
ତାଙ୍କ ଆବାହନୀ ପରେ
ଜଗତଜନନୀ ଦୁର୍ଗତିନାଶିନୀ
ବିରାଜିତା ମଣ୍ଡପରେ...॥

ଧୀର ସମୀରଣେ ନବ ଜାଗରଣେ
ମନ ହୁଏ ପୁଲକିତ
ପୂର୍ଣ୍ଣଗର୍ଭା ଧରା ସୌନ୍ଦର୍ଯ୍ୟରେ ଭରା
ଲାଗେ ଭାରି ସୁଶୋଭିତ...॥

ଶରତ ପରଶେ, କାଶତଣ୍ଡୀ ନାଚେ
ମଳୟର ତାଳେ ତାଳେ
ତରୁଲତା ବନ, ଆନନ୍ଦେ ମଗନ
ପଲ୍ଲବିତ ଡାଳେ ଡାଳେ... ॥

ବରାଙ୍ଗ, ଅସ୍ତରଙ୍ଗ, ପୁରୀ

# ପାର୍ବଣେ ମାଆ ଦୂର୍ଗେ

## ସୌଦାମିନୀ ସାହୁ

ଆସ ମା' ଦୂର୍ଗା ଆନନ୍ଦମୟୀ ଗୋ
ଆସ ଆସ ଅବତରି,
ତୁମ ଆଗମନେ ମୋ ମନ ଅଗଣା
ଆନନ୍ଦରେ ଯାଉ ଭରି ।

ପାପ ପଙ୍କ ବୋଲା ପଦୁଅଁଟିଏ ମୁଁ
ଫୁଟିଛି ତୁମ ଆଶିଷେ,
ତୋଳିନିଅ ତୁମ ଇଚ୍ଛାରେ ଜନନୀ
ପାଦରଖ ଗୋ ହରଷେ ।

କାଶତଣ୍ଡୀ ପରା ଝୁଲିଝୁଲି ଗାଏ
ଦଶଦିଗ ହସେ ପାର୍ବଣରେ,
ଗିରିସୁତା ତୁମେ ମରତେ ଆସିବ
ଅଣିଣ କାକର ଟୋପାରେ ।

ମୋ' ମନ ରିପୁକୁ ସଂହାର କର ମା'
ଅଧର୍ମ ବିନାଶ ପାଇଁ,
ଶାନ୍ତିସନ୍ତୋଷର ବାରତା ଖେଳାଅ
ଜଗତ ଉଦ୍ଧାର ପାଇଁ ।

ସତ୍ୟରକ୍ଷା ହେଉ ମାଆ ଭବାନୀ ଗୋ
ଅସତ୍ୟର ହେଉ ଶେଷ,
ପାର୍ବଣର ଋତୁ ସଭିଙ୍କ ମଙ୍ଗଳେ
ଭରିଦିଅ ଶୂନ୍ୟ କଳସ ।

ମୋ' ପାପି ନୟନ ତୁମ ରୂପ କଳ୍ପେ
ପାର୍ବଣେ ଆସ ମା' ଅବତରି,
ଦୁର୍ଗତି ନାଶିନୀ ମହିଷାମର୍ଦ୍ଦିନୀ
ସଂସାରକୁ ରଖ ଦୟାକରି ।

ସଫା, ଟାଙ୍ଗୀ,
କଟକ



# ଧର୍ମର ହେଉ ଜୟ

ସଂଯୁକ୍ତା ମହାପାତ୍ର

ଶରତର ଶୁଭ୍ର ପରିପାଟୀ ଆଜି
ବିଚ୍ଛୁରିତ ଧରା ପୃଷ୍ଠେ
କାଶତଣ୍ଡୀ ଫୁଲ ସମ୍ଭାର ତୋଳେ
ହାସ୍ୟ ଖେଳଇ ଓଷ୍ଠେ।
ଶୁଭ୍ରତା ଓ ସ୍ୱଚ୍ଛ ସ୍ଫଟିକର ସମ
ସଦ୍ୟ କାକର ପରଶେ
ତରୁ ତୃଣ ସବୁ ମୁଖରିତ ହୁଏ
ନିର୍ମଳ ଶୋଭା ଜଗତେ।
ଶୁଭ ଲଗନର ଶୁଭ ମୁହୂର୍ତ୍ତରେ
ପାର୍ବଣର ଋତୁ ଆସେ
ଜଗତ ଜନନୀ ମା' ମହିଷମର୍ଦ୍ଦିନୀ
ଅବତୀର୍ଣ୍ଣ ଧରା ପୃଷ୍ଠେ।
ବିପଦ ନାଶିନୀ ଦୁଃଖ ଦୂର କରି
ମନେ ଭରି ଦ୍ୟନ୍ତି ଖୁସି
ରୋଗ ଶୋକ ମନୁ ଅପସରି ଯାଏ
ମା'ଙ୍କ ଆଶିଷେ ଆସି।
ହେ ଜଗଜ୍ଜନନୀ ଏ ପାର୍ବଣ ହେଉ
ସୁଖ ସମ୍ଭାରର ଶ୍ରେୟ
ଧୋଇ ଯାଉ ପାପ ଏ ସଂସାରୁ ଆଜି
ଧର୍ମର ହେଉ ଜୟ।

ଦାଣ୍ଡମୁକୁନ୍ଦପୁର,
ପୁରୀ



# କାଶତଣ୍ଡୀ

## ସୁନନ୍ଦା ମହାନ୍ତି

ଶରତର କାଶତଣ୍ଡୀ କୋଉଠି ଥାଏ
ଆସେ ପୁଣି ଚାଲିଯାଏ ମାଆ ସହ
ଆକାଶରେ ନିଶ୍ଚୟ ତା' ଘର
ବଉଦ ସହରୁ ଆସିଛି ଘୋଡାଇ ଧଳା ଚାଦର
ସକାଳେ ସୁରୁଜ କୋଳେ
ମଧ୍ୟାହ୍ନରେ ବଉଦ ତଳେ
ଅପରାହ୍ନେ ସୂର୍ଯ୍ୟ ବୁଡ଼ିଲେ ମାଆ କୋଳେ
ସାୟାହ୍ନେ ତାରା ମେଳେ
ଲୁଚିରହି ଚାହୁଁ ଧରାକୁ ଶରତ ଆସିଲା କାଳେ
ମାଆ ଆଗମନ ଧରାକୁ ଯେବେ
କାଶତଣ୍ଡୀ ଯିବି ଦଉଡ଼ି ସକାଳେ
ନାଚିବି ଗାଇବି ଶଙ୍ଖ ଧ୍ୱନି ତାଳେତାଳେ
ଫେରିବି ମାଆ ଫେରିଲା ବେଳେ
ଶିଶୁ ପରି ହସି ବଢ଼ାଏ ହାତ
ତୋଳିନିଅ ମାଆ ମତେ କୋଳେ
ମାଆ ପରା ସିଏ
ସଭିଙ୍କ ଦୁଃଖ ଗୁହାରି ଶୁଣିବା ବେଳେ
ନାଚୁ ଦୂରେଦୂରେ ନଈପଠା ପରେ
ସତେକି କହ୍ନେଇ ଯଶୋଦା ମାଆ ସାଥିରେ
ନାଚେ ଥେଇଥେଇ ହୋଇ କି ରାତିଦିନ କୌତୁହଳେ
ଦିନ ଗଣୁଥାଏ ରାତି ପାହୁଥାଏ
ହରିବୋଲ ହୁଳହୁଳି ତାଳେତାଳେ
ମଙ୍ଗଳମୟୀ ଜନନୀ ଭସାଣୀ ସାଥେ
କାଶତଣ୍ଡୀ ନଥାଏ ତଳେ,
ନଈ କୂଳେ ଅବା ଚାରଣ ଭୂଇଁ କୋଳେ

ସାକ୍ଷୀଗୋପାଳ,
ପୁରୀ



# ଶାନ୍ତି ରୂପେଣ...

**ଅଞ୍ଜଳି ଦାସ**

ବିଶ୍ୱର କଲ୍ୟାଣେ ହିତେ ମାଆ ତୁମେ ବାହୁ ପ୍ରସାରି.....
ଶାନ୍ତି ରୂପରେ ସଂସ୍ଥିତା ହୁଅ.
ମାଡିଆସେ କାଳରାତ୍ରି ବିକଟାଳ ଦାନବ ସଦୃଶ୍ୟ.....
ପାଦ ବଢ଼ାଇଲେ ଏଠି ଟପଟାପ କଣ୍ଟା ଫୁଟୁଛି
କାନ ପାତିଲେ ଅହରହ ଶବ୍ଦର ପାଚେରୀ ଭାଙ୍ଗୁଛି
କବନ୍ଧର ନୃତ୍ୟରେ ସାରା ସୃଷ୍ଟି ଆଚ୍ଛନ୍ନ ହେଉଛି...
ଅଧର୍ମ ଅସତ୍ୟର ରଥଚକ ତଳେ
ନିଷ୍ପେସିତ ନିରିମାଖୀ-ନିରୀହ ଆତ୍ମାର..
କରୁଣ ଚିତ୍କାର ଶାନ୍ତ ପଡିଗଲେ
ସାରା ବିଶ୍ୱରେ ତୁ' କାହିଁ ଦିଶୁନାହୁଁ ମା'...?
ତୋ'ର କଲ୍ୟାଣମୟୀ ରୂପ କେବେ ଆଉ ଦେଖିବ ଦୁନିଆ?
ଏ ସମୟ ଯାଇ କେବେ ଆସିବ ସୁବର୍ଣ୍ଣ ସକାଳ??
ସୁନୀଳ ଜଳଧି ସମ ତୋ'ର ସେଇ ପ୍ରଶସ୍ତ କପାଳେ
ଅଙ୍କିତ ହେବ ଅନନ୍ତ ଯୁଗର ସବୁଜ ସଂକେତ
ନୀଳପଦ୍ମ ଭଳି ଢଳଢଳ ଚକ୍ଷୁରୁ ତୋ'ର
ବହୁଥିବ ସ୍ନେହ ଆଉ ମମତାର ଧାର
ଅହର୍ନିଶି ଦାବାନଳ ସମ ଧ୍ୱଂସ ହେବନାହିଁ ସମଗ୍ର ପୃଥିବୀ
ଅନନ୍ତ ସୁଠାମ ପାଦେ
ଦୁସ୍ତର ଏ ଚଲାପଥେ
ଆଗେଇଯିବାର ଇସାରା ତ' ଥିବ....
ମହିଷାକୁ ସଂହାର କରିବା ପରି
ତ୍ରିଶୂଳର ତୀକ୍ଷ୍ଣ ମୁନରେ.......

ଅସ୍ତରଙ୍ଗ, ପୁରୀ



# ପାର୍ବଣ କହେ

ସୁଲୋଚନା ସ୍ୱାଇଁ

ଆଶ୍ୱିନର ଏଇ ନରମ ସକାଳେ
ପାର୍ବଣ ଯେବେ ଆସେ...
ନଈପଠା ଧାରେ କାଶତଣ୍ଡୀ ଫୁଲ
ମନଖୋଲା ହସ ହସେ..॥
ଶରତ ଋତୁର ସୌନ୍ଦର୍ଯ୍ୟ ଦେଖି
ବିଭୋର ହୁଅନ୍ତି କବି
ଲେଖନି ମୁନରେ ଆଙ୍କିଥାନ୍ତି ତା'ର
ସରସ ସୁନ୍ଦର ଛବି...॥
ଗ୍ରାମ ସଂସ୍କୃତିରେ ପାର୍ବଣ ମାସରେ
ନିଆରା ମାଧୁର୍ଯ୍ୟ ଥାଏ
ବାର ଓଷା ତେର ପରବ ମାଧମେ
ଭାଇଚାରା ସୃଷ୍ଟି ହୁଏ...॥
ବିଜୟା ଦଶମୀ ପୁଣ୍ୟ ତିଥିରେ
ମହିଷାକୁ ବଧ କରି...
ଧରାବତରଣ କରିଥାନ୍ତି ମାତା
ଶାନ୍ତିର ମଶାଲ ଧରି...॥
ଅତୀତର ସେଇ ସଜଳ ସ୍ମୃତିକୁ
ସ୍ମରଣ କରିବା ପାଇଁ...
ଦେବଲୋକଠାରୁ ଗନ୍ଧର୍ବଲୋକେ
ମରତେ ଆସନ୍ତି ଧାଇଁ...॥
କୁମାର ପୂର୍ଣ୍ଣିମା ଗଜଲକ୍ଷ୍ମୀ ପୂଜା
ସଭିଙ୍କ ଅନ୍ତର ଛୁଏଁ...
ଉତ୍କଳୀୟ ରୀତି ଧର୍ମ ପରମ୍ପରା
ସାକ୍ଷର ଏଥିରେ ଥାଏ...॥
ଭୁଲିବାନି ଆମ ପ୍ରାଚୀନ ଚିନ୍ତନ
ଗଉରବ ଅତୀତର...
ଏବେବି ପାର୍ବଣ ଗାଏ ଆମ ଗାଥା
ସ୍ୱାଭିମାନ ଓଡ଼ିଆର...॥

ବରାଙ୍ଗ, ଅସ୍ତରଙ୍ଗ, ପୁରୀ



# ପାର୍ବଣ

**ଡକ୍ଟର ଚପଳା ପଣ୍ଡା**

ଯେବେ ବିଲ ପାଟ ଅର୍ଘ୍ୟଥାଳି ଧରି
ସବୁଜ ସମ୍ଭାର ଆଣେ,
ଶରତର ସ୍ୱଚ୍ଛ ଜଳ ଦର୍ପଣରେ
ଚନ୍ଦ୍ର ମଣ୍ଡଳକୁ ଜିଣେ।
ସେବେଳ ହିଁ ଶୁକ୍ଳ ପକ୍ଷ ଆଶ୍ୱିନର
ଋତୁ ଶରତର ଧ୍ୱଜା,
ପାର୍ବଣ ନାମରେ ପରିଚିତ ହୁଏ
ଦଶହରା ଦୁର୍ଗା ପୂଜା।
ଆଦ୍ୟାଶକ୍ତି ରୂପୀ ଜଗତ ଜନନୀ
ଦୁର୍ଗା ମାତା ନବ ଦିନ,
ନବ ରାତ୍ର ପୂଜା ଅନୁଷ୍ଠିତ ହୁଏ
ଭସାଣିରେ ଦଶଦିନ।
ବିଜୟା ଦଶମୀ ନାମରେ ନାମିତ
ଭାରତର ପୁର ପଲ୍ଲୀ,
ହସି ଉଠେ ପ୍ରତି ପ୍ରାଣ ଉଲ୍ଲାସରେ
ପ୍ରକୃତି ହସିଲା ପରି।
ଦଶ ପାପ ହାରୀ ଜଗତ ଜନନୀ
ଉଭା ହୁଏ ତତକାଳେ,
ଦଶ ଗୋଟି ପାପ ହରିବା ପାଇଁକି
ଦଶ ଭୁଜା ଶସ୍ତ୍ର ଖୋଲେ।

ଚୌର୍ଯ୍ୟ, ହିଂସା, ପରଦାରା ଗମନକୁ
କଟୁ ବାକ୍ୟ ପ୍ରୟୋଗରେ,
ମିଥ୍ୟା ବଚନକୁ, କପଟାଚରଣ
ବିଷୟା ବିଷର ଭାରେ।
ଲୋଭ ଯୁକ୍ତ ଅପହରଣ, ପ୍ରଳାପ
ଅନ୍ୟର ଅନିଷ୍ଟ ଚିନ୍ତା,
ଏହି ଦଶ ପାପ ହରିବା ପାଇଁକି
ପୂଜା ପା'ନ୍ତି ଜଗନ୍ମାତା।
କେଉଁଠାରେ ଉଭା ଚତୁର୍ଭୁଜା ରୂପେ
ଅଷ୍ଟ ଭୁଜା କେଉଁଠାରେ,
ବିଧି ବ୍ୟବସ୍ଥାକୁ ପରମ୍ପରା ମଧ୍ୟେ
ମୂର୍ତ୍ତି ଷୋଡ଼ଶ ଭୁଜାରେ।
ମୃତ୍ତିକା ନିର୍ମିତ ମୂର୍ତ୍ତି ବିସର୍ଜନ
ବିଜୟା ଦଶମୀ ଦିନ,
ଆର ବରଷକୁ ଅନାଇ ବିଦାୟ
ଦିଅନ୍ତି ଭକତ ଜନ।
ପାର୍ବଣ ପର୍ବର ପ୍ରତି ପୁଲକରେ
କାଶତଣ୍ଡୀ ବିଞ୍ଚେ ବାର୍ତ୍ତା,
ଧନ ଜନ ସୁଖ ସମ୍ପଦ ଅଜାଡ଼ି
ରକ୍ଷା କର ଦୁର୍ଗା ମାତା।

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ,
ଖୋର୍ଦ୍ଧା

# ଶରତ ଆସିଛି

**ବିଷ୍ଣୁପ୍ରିୟା ପ୍ରତାପସିଂହ**

ବରଷାର ଅନ୍ତେ ଆସଇ ଶରତ
ମନରେ ଆନନ୍ଦ ଭରି
କାଶତଣ୍ଡୀ ହସେ ଧରା ପୃଷ୍ଠେ ସତେ
ଶୁଭ୍ର ବସ୍ତ୍ରଟିଏ ପାରି ।
ନିର୍ମଳ ଆକାଶ ରାତ୍ରିର ଜୋଛନା
ଲାଗଇ କି ମନଲୋଭା
ସରଗୁ ନନ୍ଦନକାନନ ଯେମିତି
ଓହ୍ଲାଇ ଆସିଛି ଅବା ।
ଶସ୍ୟ ଶ୍ୟାମଳା ଏ ସୁନ୍ଦର ଧରିତ୍ରୀ
କୃଷକର ସୁନା କ୍ଷେତ
ମନରେ ହରଷ ଭରି ଦେବାପାଇଁ
ଆସୁଛି ଦଶରା ଯାତ ।
ଧରଣୀରେ ଯେବେ ପାପୀମାନଙ୍କର
ବଢ଼ି ଯାଏ ଅତ୍ୟାଚାର
ସେହି ସନ୍ଧିକ୍ଷଣେ ମାତା ଦଶଭୁଜା
ଆସନ୍ତି ଧରଣୀ କୋଳ ।
ଦଶ ହସ୍ତେ ଧରି ଦଶ ପ୍ରହରଣ
ବିଜେ କରି ସିଂହ ପୃଷ୍ଠ
ମହିଷାକୁ ମାରି ଧର୍ମ ରକ୍ଷା ଲାଗି
ଲୀଳା ରଚନ୍ତି ଶତତ ।
ମାନବ ହୃଦୟେ ଭରି ଯାଏ କେତେ
ସୁଖ ଓ ଆନନ୍ଦ ଢେଉ
ତା' ପାଦ ପରଶେ ମରତ ଧାମରୁ
ଦୁଃଖ ଭାର ହଟି ଯାଉ ।

ଧରଣୀର ପାପ ଭାରା ହରିବାକୁ
ବରଷକେ ଥରେ ଆସେ
ନବ ଜାଗରଣ ଆଣି ଦିଏ ହୃଦେ
ପବିତ୍ର ଆଶ୍ୱିନ ମାସେ ।
ନାନା ବାଜେଣିରେ କମ୍ପିବ ଧରଣୀ
ଝଲସିବ ପୂଜାପୀଠ
ନୂଆ ବସନରେ ନାନା ପିଠାପଣା
ହୋଇବ ଘରେ ପ୍ରସ୍ତୁତ ।
କୃଷକର ସବୁ ଚାଷୋପକରଣ
ଗୋଟିଏ ଜାଗାରେ ଥୋଇ
ପୂଜା କରାଯିବ ଘରେ ଘରେ ସବୁ
ଭୋଜି ଭାତ ହେବ ତହିଁ ।
ଗାଁ ଲୋକମାନେ ଗ୍ରାମ ଦେବୀ ପାଶେ
ଯନ୍ତାଳ ପ୍ରସ୍ତୁତ କରି
ଭାଇ ଚାରାର ଏ ଏକତା ସୂତ୍ରକୁ
ରଖିବେ ଜାବୁଡ଼ି ଧରି ।
ବରଷକେ ଥରେ ଆସେ ଦଶହରା
ସବୁ ଦୁଃଖ ଦିଏ ଧୋଇ
ଦେଇଥାଏ କେତେ ଆନନ୍ଦ ଉଲ୍ଲାସ
ତାହା ଭୁଲିହେବ ନାହିଁ ।

ଭୁଷଣ୍ଡପୁର,
ଖୋର୍ଦ୍ଧା



# ପାର୍ବଣ

**ସୂର୍ଯ୍ୟକାନ୍ତି ଦାଶ**

ନିୟତି ନିୟମ  ଋତୁ ଆଗମନ
ନୀରବ ନିଃଶବ୍ଦେ ଆସେ
ବରଷା ରାଜତ୍ୱ  ଶେଷ ହୋଇଗଲେ
ଶରତ ଋତୁ ପ୍ରକାଶେ ।
ନଭେ ମେଘ ମାଳ  ବଉଦର ଖେଳ
କେବେ ବର୍ଷା କେବେ ଖରା
ଉପବନେ ଶୋଭା  ପୁଷ୍ପର ସମ୍ଭାର
ଧରଣୀ ଦିଶଇ ତୋରା ।
କାଶତଣ୍ଡୀ ପୁଷ୍ପେ  ହସେ ଧରା ମାତା
ଚତୁର୍ଦ୍ଦିଗ ଶୋଭାମୟ
ବିଲ, ନଦୀ ପଠା  ଶୁଭ୍ର ପରିଧାନେ
ଅନୁଭବେ ଲାସ୍ୟମୟ ।
ଦକ୍ଷିଣା ପବନ  ଧୀରେ ଧୀରେ ବହେ
ଅମ୍ବର ସ୍ୱଚ୍ଛ ଦିଶଇ
ଭରା ଜଳ ମଧ୍ୟେ  ଫୁଟେ କଇଁ, ପଦ୍ମ
ଭ୍ରମର ଆସି ବସଇ ।
ଯୁଇ, ଜାଇ, ମଲ୍ଲୀ  ଟଗର ମାଳତୀ
ରଜନୀଗନ୍ଧା, ସେବତୀ
ଗଙ୍ଗଶିଉଳିର  ଭୁରୁ ଭୁରୁ ବାସ
ଅପରାଜିତା, କେତକୀ ।
ଧରି ସେ ଚାମର  ମାଆ ଆବିର୍ଭାବ
ହୁଅନ୍ତି ଧରା ପୃଷ୍ଠରେ
ଅପୂର୍ବ ଦିଶଇ  ରୂପକାନ୍ତି ତାଙ୍କ
ବସନ୍ତି ଭକ୍ତ ଅନ୍ତରେ ।
ଭକ୍ତ ଭାବି ନିଏ  ମାଆର ପଣତ
ରଖିବ ସନ୍ତାନ ଟେକ
ନିର୍ମଳ ହୃଦୟେ  ନିରନ୍ତରେ ଭଜେ
ସତେ କି ମାଆ ସେବକ ।
ମହିଷାସୁରକୁ  ସ୍ୱହସ୍ତେ ବଧିଲେ
ପାପ ଭାରୁ ଦେଲେ ମୁକ୍ତି
ରାବଣକୁ ହତ  କରିବା ପାଇଁ ସେ
ଶ୍ରୀରାମଙ୍କୁ ଦେଲେ ଶକ୍ତି ।
ମାଆ ତ ଉଦାର  ସାଗରୁ ଗଭୀର
ପୃଥିବୀଠାରୁ ସୁନ୍ଦର
ମାଆର ପଣତ  ସନ୍ତାନର ଛାଇ
ସୁରକ୍ଷାକବଚ ତା'ର ।
ମା' ଦୁର୍ଗା ଧରାରେ  କରୁଥାନ୍ତି ଲୀଳା
ଭୂଷିତ ଯେ ସର୍ବକଳା
ପାପୀକୁ ନିହତ  ତପୀକୁ ସହାୟ
କଣ୍ଟାକୁ କରନ୍ତି ତୁଳା ।
ଭକ୍ତେ ଆଶୀର୍ବାଦ  ଝରୁଥାଉ ସଦା
ଏହି ମୋର ନିବେଦନ
ସଂସାରରେ ଖୁସି  ଶାନ୍ତି ଢାଳିଦିଅ
ପଦେ ରହୁ ଚିତ୍ତମନ ।

ଓଗାଳପଡ଼ା, ଯାଆଁଳା,
ଖୋର୍ଦ୍ଧା



# ପାର୍ବଣ

**ଆରତୀ ମଞ୍ଜରୀ ଦାଶ**

ଘେନି ଭରପୂର ନିର୍ବାପିକା ଶକ୍ତି
ଆସେ ଅଗ୍ନି ପ୍ରଶମନ ଯାନ
ପ୍ରଜ୍ୱଳିତ ହୁତାଶନ ଢାଳି ଜଳ
କରିଦେବ ଶାନ୍ତ ।
ଅନେକ ସୁଖ ସମ୍ଭୋଗର
ହର୍ତ୍ତାହ ପାର୍ବଣ ଆସେ,
ଆସେ ମନୁଷ୍ୟ ପ୍ରାଣର ହୁତାଶନ
କରିଦେବା ଲାଗି ପ୍ରଶମନ ।
ମନୁଷ୍ୟ ମାତ୍ରେ ପବିତ୍ର ଶୁଭ୍ର,
ଜଟିଳ ପରିସ୍ଥିତି ତ
କରିଥାଏ ଅପହରଣ
ତା'ର ନିର୍ମଳପଣ---।
ଗଲେ ଘୁଞ୍ଚି ପରିସ୍ଥିତି
ସେ ପୁଣି ହେଇଥାଏ
ନିଷ୍ପାପ ନିଷ୍କଳଙ୍କ
ପବିତ୍ର, ଶାନ୍ତ ।
ଶାନ୍ତମନର ଉଚ୍ଚାରଣ ଅନନ୍ୟ,
ମନର ଗତି ପ୍ରବୃତ୍ତି ଅନନ୍ତ,
ଶାନ୍ତ ଉଦାର ପ୍ରାଣରୁ ଝରିଆସେ
ଅନନ୍ତ କଲ୍ୟାଣ ଭାବନାର ସ୍ରୋତ ।

ତଥାକଥିତ ପ୍ରାଚୁର୍ଯ୍ୟ କବଳିତ
ଆଧୁନିକ ସମାଜ ଏ ଯେ,
ନାନା ଉତ୍ତେଜନା ଉଦବେଗ ଗ୍ରସ୍ତ
ମନୋରଞ୍ଜନ ଆକାଂକ୍ଷା ଜର୍ଜରିତ
କର୍ତ୍ତବ୍ୟାକର୍ତ୍ତବ୍ୟ ବିବେଚନା ମୁକ୍ତ
କେବେ ଉପଦୃତ ନଷ୍ଟ
କେବେ ଉନ୍ମତ୍ତ ପଥ ଭ୍ରଷ୍ଟ --।
ଅତୀତର ଧର୍ମୀୟ ଚେତନା
ଉର୍ଜସ୍ୱଳ ସଂସ୍କୃତିର ଐଶ୍ୱର୍ଯ୍ୟରୁ
ଜାତ ପାର୍ବଣ --,
ପ୍ରକୃତିର ଅନୁକୂଳତାର ଦାନକୁ
ତା'ର କୃପା ଭାବେ ଗ୍ରହଣ କରି
କୃତଜ୍ଞତା ଜଣାଉଁ ଜଣାଉଁ
ପାଳିବାକୁ ହୁଏ ପର୍ବ,
କିନ୍ତୁ ପ୍ରକୃତି,
ସେଥିପାଇଁ ଥାଏ ସଦା ଉଦାସୀନ - ।
ମନୁଷ୍ୟର ଆଶା,
ସୁଖମୟ ଜୀବନ ଯାପନର ଲିପ୍ସା,
ଏଇଥିରୁ ହୁଏତ ତିଆରି ପାର୍ବଣ ---।
ସମୂହ କଲ୍ୟାଣ ଲକ୍ଷ୍ୟ ନେଇ
ମନୁଷ୍ୟର ଆତ୍ମ ଦାନର
ଏକ ସର୍ବ କାଳିକ ଆନନ୍ଦ ମୁଖର
ସାଙ୍କେତିକ ରୂପ ହୁଏତ ପାର୍ବଣ -- ।

ପ୍ରକୃତିର ବିପୁଳ ବୈଭବରୁ
କିଛି ସଂଗ୍ରହ କରି ଯେଉଁ ଦିନ
ମନୁଷ୍ୟ ବଞ୍ଚିବା ଶିଖିଲା
ସେଇଦିନ ବୋଧହୁଏ
ରୋପିତ ହେଲା
ପାର୍ବଣର ବୀଜ ।
ଦେବ ପୂଜନ, ବିଶ୍ୱାସ, ଆଶା ଆକାଂକ୍ଷା
ପ୍ରେମ ଭକ୍ତିର ଉଚ୍ଛ୍ୱାସରୁ ଉତ୍ପନ୍ନ
ଏକ ସମୃଦ୍ଧ ପରିଣତି ।
ଋତୁ ପର୍ଯ୍ୟାୟରେ ବନ ପ୍ରକୃତି ଯେବେ
ହେଇଉଠେ ପରିପୂର୍ଣ୍ଣ ଅପୂର୍ବ ଶୋଭାରେ
ତା'ର ଅନନ୍ତ ଆକର୍ଷଣ
ମନୁଷ୍ୟକୁ କରେ ଉନ୍ମନ,
ପତ୍ର ପୁଷ୍ପ ଫଳ ଭରା ସମ୍ଭାର
ପ୍ରାଣରେ ସୃଜେ ଆଶାର ସନ୍ଦୋହ--,
ଉତ୍ସବ ମୁଖର ପ୍ରକୃତି,
ଉତ୍ସବ ମୁଖର ହୋଇଉଠେ
ବିହ୍ୱଳିତ ପୁର ପଲ୍ଲୀ,
ଆନନ୍ଦ ଉଲ୍ଲାସମୟ ମନୁଷ୍ୟ ଜୀବନ
ଏଇ ହିଁ ତ ପବିତ୍ର ପାର୍ବଣ ।

ଗୁରୁଜଙ୍ଗ,
ଖୋର୍ଦ୍ଧା

# ମା' ଦୁର୍ଗତିନାଶିନୀ

## ସଂଯୁକ୍ତା ଚମ୍ପତିରାୟ

ତୁମେ ଭକ୍ତିମୟୀ ତୁମେ ଶକ୍ତିମୟୀ
ଘନ ଅନ୍ଧକାରେ ତୁମେ ଦୀପ୍ତିମୟୀ
ତୁମେ ଆଦ୍ୟାଶକ୍ତି ତୁମେ କାତ୍ୟାୟନୀ
ତୁମେ ଜଗତଜନନୀ ପ୍ରୀତିମୟୀ।
ତୁମେ ମହାପ୍ରଳୟର ସଂଗୀତ
ତୁମେ ମୃତ୍ୟୁର କ୍ରୁର ଇଙ୍ଗିତ
ଦୁଷ୍ଟ ଦାନବେ ତୁମେ ଧ୍ୱଂସମୟୀ
ଘନ ଅନ୍ଧକାରେ ତୁମେ ଦୀପ୍ତିମୟୀ।
ତୁମେ ଦାନବ ବୁକରେ ତ୍ରିଶୂଳ
ତୁମେ ମାନବର ମାତ୍ର ସମ୍ବଳ
ପ୍ରିୟ ସନ୍ତାନେ ତୁମେ ପ୍ରୀତିମୟୀ
ଘନ ଅନ୍ଧକାରେ ତୁମେ ଦୀପ୍ତିମୟୀ।
ତୁମେ ଶ୍ୟାମା କାତ୍ୟାୟନୀ କାଳିକେ
କାଳରୂପ ନରମୁଣ୍ଡ ମାଳିକେ
ଘୋର ସଂକଟେ ତୁମେ ମୁକ୍ତିମୟୀ
ଘନ ଅନ୍ଧକାରେ ତୁମେ ଦୀପ୍ତିମୟୀ।
ତୁମେ ଦୁର୍ଗତିନାଶିନୀ ମା' ଜୟା
ତୁମେ ଅଭୟ ଦାୟିନୀ ଅଭୟା
ଏଇ ଜୀବନେ ସର୍ବ ମନ୍ତ୍ରମୟୀ
ଘନ ଅନ୍ଧକାରେ ତୁମେ ଦୀପ୍ତିମୟୀ।

ଶିକ୍ଷୟିତ୍ରୀ,
ଜଙ୍କିଆ, ଖୋର୍ଦ୍ଧା



# ଜଗତଜନନୀ ମା' ଦୁର୍ଗା

**ଡ. ସନ୍ତୋଷ କୁମାର ପଣ୍ଡା**

ତ୍ରିଶୂଳଧାରିଣୀ ମାତଃ ଶିବପ୍ରିୟେ
ସିଂହବାହିନୀ ମା' ଦୁର୍ଗେ,
କାଳୀରୂପିଣୀ ନୃମୁଣ୍ଡ ମାଳିନୀ ମା'
ଅସୁରନାଶିନୀ ଅମ୍ବେ।

ବଳଦାୟିନୀ ମା' ଶକ୍ତିସ୍ୱରୂପିଣୀ
ଜ୍ଞାନ, ପ୍ରେମଦାୟିନୀ ମା',
ତିମିର ବିନାଶିନୀ ଜୟ ଦାୟିନୀ
ପ୍ରକାଶ ତୁମର ଆଭା।

ଆମ୍ଭେ ଅଟୁ ଯନ୍ତ୍ର ତୁମ୍ଭେ ଆମ ଯନ୍ତ୍ରୀ
ଜ୍ଞାନଦୀପ୍ତି ପ୍ରକାଶିନୀ,
ଭରିଦିଅ ହୃଦେ ଶ୍ରଦ୍ଧା, ଭକ୍ତି, ପ୍ରେମ
ମାତା ଦୁର୍ଗତିନାଶିନୀ।

ଯୋଗବଳେ ପ୍ରବେଶିଣ ମା' କର
ଅନ୍ତଃସ୍ଥ ରିପୁ ବିନାଶ,
ବୀରମାର୍ଗ ପ୍ରଦର୍ଶନୀ ମନ, ପ୍ରାଣ
ଶରୀରେ ହୁଅ ପ୍ରକାଶ।

ସମଗ୍ର ଜୀବନ ହେଉ ଆମ ମା' ଗୋ
ନିରନ୍ତର ଦୁର୍ଗାପୂଜା,
ସର୍ବ କାର୍ଯ୍ୟ ହେଉ ମାତୃ ସେବାବ୍ରତ
ପ୍ରତି ହୃଦେ ଅଗ୍ରପୂଜ୍ୟା।

ବିସର୍ଜନ ତବ କରିବୁ ନାହିଁ ମା'
ହୁଅ ତୁମେ ଆବିର୍ଭୂତା,
ସାହିତ୍ୟ, ବିକ୍ରମ, ଜ୍ଞାନ, ଶକ୍ତି, ଶିଳ୍ପ
ସବୁଠି ରହୁ ଶ୍ରେଷ୍ଠତା।

**ଗଡିରାଉତପାଟଣା,**
**କଟକ**

# ସିଂହବାହିନୀ ମା' ଦୁର୍ଗେ

ବନ୍ଦନା ମହାପାତ୍ର

ଶରତ ସମ୍ଭାର ଉଲ୍ଲସିତ ଧରା
ଉନ୍ମାଦନା ଅଙ୍ଗେ ଅଙ୍ଗେ
କାଶତଣ୍ଡୀ ଝୁଲେ ପାର୍ବଣେ ବିରାଜ
ସିଂହବାହିନୀ ମା' ଦୁର୍ଗେ ||
ଟଗର, ମନ୍ଦାର, ଜୁଇ କନିଅର
ମହକଇ ବସୁନ୍ଧରା
ମାଆଙ୍କ କଣ୍ଠରେ ସୌନ୍ଦର୍ଯ୍ୟ ମଣିବେ
ନବଦିନାତ୍ମକ ସାରା ||
ସବୁ ଶକ୍ତି ପୀଠେ ଉଚ୍ଛୁଳି ପଡିବ
ଶଙ୍ଖ, ଘଣ୍ଟା କାହାଳିରେ
ଜଗତଜନନୀ ମହାଆଡ଼ମ୍ବରେ
ହେବେ ପୂଜା ଅର୍ଚ୍ଚନା ରେ ||
ହେ ଉମା ଭବାନୀ ଶଙ୍କର ଘରଣୀ
କାତ୍ୟାୟନୀ ଶାକମ୍ବରୀ
କୃପା ଦୃଷ୍ଟି ଦିଅ ଆନନ୍ଦରେ ମା' ଗୋ
ସର୍ବ କାମନାକୁ ପୂରି ||

ଅଶାନ୍ତି ନିଆଁରେ ଶାନ୍ତି ଜଳ ଛିଞ୍ଚି
ଶାନ୍ତି ବୀଜ ଦିଅ ବୁଣି
ସର୍ବ ହୃଦେ ଫୁଟୁ ସ୍ନେହ ମୈତ୍ରୀ ଭାବ
ଏକତାର ମନ୍ତ୍ର ଗୁଣି ||
ହଟାଇ ଦିଅ ଗୋ ଅନ୍ୟାୟ ଅଧର୍ମ
ସ୍ୱାର୍ଥ, ହିଂସା, ଘୃଣା ନିନ୍ଦା
ବିଶ୍ୱଭାତୃ ଭାବ ବାନା ଉଡ଼ାଇବ
ଶାନ୍ତି ଦଉଡ଼ିରେ ବନ୍ଧା ||
କେମିତି ପୂଜିବି କେଉଁ ଦରବରେ
ସବୁ ତୋ' ଦାନ କରୁଣା
ତୋ' ମହିମା କିଏ ବର୍ଣ୍ଣନା କରିବ
ଦେବ ଦେବ ବାଟବଣା |
କରୁଛି ଗୁହାରି ପାର୍ବତୀ ଗଉରୀ
ତୋ' ପାଦେ ଶରଣ ଦିଅ
ଏ ପାର୍ବଣ ଋତୁ ସଦା ହସାଇବ
ତୋ' ପଣତ ଦେବ ଅଭୟ ||

ବ୍ରହ୍ମପୁର,
ଗଞ୍ଜାମ



# ଈଶ୍ୱର ଜୀବିତ

## ଦୀନକୃଷ୍ଣ ମହାପାତ୍ର

ଈଶ୍ୱର ଜାଗ୍ରତ ନିଶ୍ଚିତ !!
ସେଇ ତ ପୂର୍ବାକାଶରେ ସୂର୍ଯ୍ୟଙ୍କ ରକ୍ତିମ ଆଭା
ପଶ୍ଚିମାକାଶର ନୀଡ଼ ବାହୁଡ଼ା ପକ୍ଷୀଙ୍କ କଳରବ
ବାହୁକୁ ବାହୁ ଛନ୍ଦି ଗିରିମାଳା
ଗୁରୁ ଗମ୍ଭୀର ନିର୍ଘୋଷ ସହ ଶାନ୍ତ କମନୀୟ ସାଗର
ନିର୍ଝରର ଶାନ୍ତ ସ୍ନିଗ୍ଧ ଜଳରାଶି
ତୀରବାସୀ ନିବାସୀଙ୍କ ହର୍ଷ ଉଲ୍ଲାସ
ପୁଷ୍ପଗୁଚ୍ଛ ପଲ୍ଲବ ସ୍ୱହସ୍ତରେ ଧରି ସପୁଷ୍ପକ ଅପୁଷ୍ପକ..
ଲତା ଗୁଳ୍ମ ପାଦପାଦିଙ୍କ ଆଶିଷ ସମ୍ଭାର
ବିଲପାଟରେ ଧବଳାଙ୍ଗି କାଶତଣ୍ଡୀ
କୋଟି ତୁଣ୍ଡରେ ଅନ୍ନ ଭରୁଥିବା ସବୁଜ ସ୍ୱର୍ଣ୍ଣର ପ୍ରାନ୍ତର
ମଠ ମନ୍ଦିରରେ ମାତୃ ସ୍ୱାଗତ ପାଇଁ
ସୁସଜ୍ଜିତ ଧୂପ ଦୀପ ନୈବେଦ୍ୟ
କୋଟିକୋଟି ଯନ୍ତ୍ର ମନ୍ତ୍ର ତନ୍ତ୍ର
ସାଧୁସନ୍ନ୍ୟାସୀ ସାଧକଙ୍କ ଶୁଦ୍ଧପୂତ ମନ୍ତ୍ରୋଧ୍ୱନି
ତନ୍ମଧ୍ୟରେ କୀର୍ତ୍ତିଲିପ୍ସୁ ମାନବଙ୍କ
କୋଟି ଆଶା ବିଶ୍ୱାସରେ ଜୀବିତ
ଈଶ୍ୱର !!
ଅନାଦି ଅନନ୍ତ...!!

ଟିକାବାଲି,
କନ୍ଧମାଳ

# ପାର୍ବଣ

**ମିନତି ଶତପଥୀ**

ମେଲାଣି ନେଇଛି ଧରଣୀ ପୃଷ୍ଠରୁ
ମାନିନୀ ବରଷା ରାଣୀ,
ଶରତ ଆସିଛି ମରତ ହସୁଛି
ଶୁଭେ ଶୁଭ ଶଙ୍ଖ ଧ୍ୱନି ।।
କାଶତଣ୍ଡୀ ଫୁଲେ ସଜେଇ ହୋଇଛି
ଏଇ ମୋ' ଧରଣୀ ମାଆ,
ଶୁଭ୍ର ବସନ ରେ ଦିଶେ କି ସୁନ୍ଦର
ବହେ ସୁଲୁ ସୁଲୁ ବାଆ ।।
ନିର୍ମଳ ଆକାଶେ ଖିଲି ଖିଲି ହସେ
ରୂପା ଥାଳି ପଟ ଜହ୍ନ,
ଚଉଦିଗୁ ଶୁଭେ ଭେରି ତୂରୀ ନାଦ
ପାର୍ବଣର ଆଗମନ ।।
କୁଆଁରୀ ପାଦର ନୂପୁର ଛନ୍ଦେ
ଆନମନା ହୁଏ ମନ,
ସର୍ବେ ମିଳି ମିଶି ଆନନ୍ଦେ କରନ୍ତି
ମାଆଙ୍କର ଆବାହନ ।।
ଆସ ମା' ଓହ୍ଲାଇ ସରଗ ପୃଷ୍ଠରୁ
ଏ ଧରା ଧାମକୁ ଆଜି,
ତୁମ ଆଗମନେ ଦୂରୀଭୂତ ହେଉ
କଳୁଷ କାଳିମା ରାଜି ।।

ତୁମେ କାତ୍ୟାୟନୀ ତୁମେ ମା' ଅମ୍ବିକା
ତୁମେ ମାଗୋ ମହିୟସୀ,
ଦଶ ହସ୍ତେ ଦଶ ପ୍ରହରଣ ସାଜି
ଦୁଷ୍ଟଙ୍କୁ ଦିଅ ବିନାଶି ।।
ଦିନୁ ଦିନ ଗରୁ ହେଲାଣି ପୃଥିବୀ
ପାପ ଭାର ଅସମ୍ଭାଳ,
ଦୁର୍ଗତି ନାଶିନି ମାଗୋ ଦୁର୍ଗା ତୁମ
ସୃଷ୍ଟିକୁ ତୁମେ ସମ୍ଭାଳ ।।
ସିଂହ ପୃଷ୍ଠେ ବିଜେ କରି ମା' ଭବାନୀ
ଚାଲି ଆସ ଆମ ହୃଦେ,
ଆଜି ଏ ପାର୍ବଣେ ଏତିକି ମିନତି
କରୁ ତୁମ ପାଦ ପଦ୍ମେ ।।
କ୍ରୋଧ ହିଂସା ଈର୍ଷା ଘୃଣା ଅସୂୟାକୁ
ସମୂଳେ ବିନାଶ କରି,
ସବୁରି ପ୍ରାଣରେ ସୁଖ ଓ ସମୃଦ୍ଧି
ଦିଅ ମାଆ ତୁମେ ଭରି ।।

ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ,
ଚିଲିକା, ଖୋର୍ଦ୍ଧା

# ଆସିଛି ପାର୍ବଣ

**କାଞ୍ଚନ ସାହୁ**

ମା'ଆ ଆସୁଛନ୍ତି
ମରତ ଧାମକୁ
ଶରତ ଯାଉଛି ନଇଁ
ସ୍ୱାଗତ ଜଣାଏ
କାଶତଣ୍ଡୀ ଫୁଲ
ସମୀରେ ମଥା ନୁଆଇଁ
ପାର୍ବଣ ଆସୁଛି ଧାଇଁ ଲୋ
ଷୋଳ ପୂଜା ବସିଲାଣି
ଖିଲିଖିଲି ହସେ
ଅମ୍ବରେ ଜୋଛନା
ନିଶିଥେ କୁମୁଦ ପାଇଁ।।

ମୋତି ବିନ୍ଦୁ ପ୍ରାୟ
ନିହାର ବିରାଜେ
ସବୁଜ ସୁନ୍ଦର ମହୀ
ମାଳତୀ ତରାଟ
ଗଙ୍ଗଶିଉଳି କି
ବାସ ଦିଅନ୍ତି ଛୁଟାଇ
ରକ୍ତମୁଖା ପରା ଏହି ଲୋ
ହାତେ ମଞ୍ଜୁଆତି ନାଇଁ
ଦୁର୍ଗା ମଣ୍ଡପର
ସାଜସଜା ଦେଖି
ତନୁମନ ପୁଲକଇ ।।

ରେଞ୍ଚଶାସନ,
ନିମାପଡ଼ା, ପୁରୀ

# ଆସୁଛି ପାର୍ବଣ ପର୍ବ

**ଛବିରାଣୀ ପତି**



ଆସିଛି ପାର୍ବଣ ହସୁଛି ଧରା
ଶୁଭ୍ର ପଟୁଆର ନେଇ
ଗଭା ବିମଣ୍ଡିତ ନଦୀପଠା ତୁଠ
କାଶତଣ୍ଡୀ ଭରା ମହୀ ।

ଶୁଭ ଶାହାନାଇ ବାଜେ ଚଉଦିଗ
ଶୁଭେ  ମାଙ୍ଗଳିକ ଗୀତ
ଆସୁଛନ୍ତି ମା' ଜଗତ ଜନନୀ
ଆଶ୍ୱିନ କରେ ସ୍ୱାଗତ ।

ଶସ୍ୟ ଶ୍ୟାମଳାର ଚାଦର ବିଛାଇ
ରହିଛି ଧରଣୀ ଚାହିଁ
ପାପୀ ସଂହାରେ ସିଂହବାହିନୀ ମାଆ
ନବଦିନାତ୍ମକ ରହି ।

ଶକ୍ତି ପୀଠରୁ ପୂଜା ମଣ୍ଡପ ଯାଏଁ
ଆବାହନ ହେବେ ମାଆ
କୃପାଦୃଷ୍ଟି ରଖି ଆଶିଷ ବାଢ଼ିବେ
ଦେଖାଇଦେବେ ସେ ରାହା ।

ଅଶାନ୍ତ ନିଆଁରେ ଅଦେଖା କୋହରେ
ସିଞ୍ଚି ଦେବେ ଶାନ୍ତି ବାରି
ବିଶ୍ୱ ଭ୍ରାତୃତ୍ୱର ମଞ୍ଜି ବୁଣିଦେବେ
କାତ୍ୟାୟନୀ ଶାକମ୍ବରୀ ।

**ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ**
**ମଧଶାସନ , ବିରିଡ଼ି, ଜଗତସିଂହପୁର**

# ନିଆରା ପାର୍ବଣ

**କାଳନ୍ଦୀ ଚରଣ ପାଳ**

ଜଗତ ଜନନୀ ହୋଇ ଅଭିମାନି
ରହନ୍ତି ଗୁମାନ ମାରି
ଆଖିରେ ଦେଖନ୍ତି ଅନ୍ୟାୟ ଦୁର୍ନୀତି
ସଭିଙ୍କର ସହଚରୀ ।।

ଶରତ ଋତୁରେ ପୂଜା ମଣ୍ଡପରେ
ହେଉଥାଏ ଦୁର୍ଗା ପୂଜା
ଆଲୋକ ମାଳାରେ କେ ରୂପା ମେଢ଼ରେ
କରିଥାନ୍ତି ସାଜସଜ୍ଜା ।।

ଭକ୍ତି ଟିକେ ଥାଉ କି ଅବା ନ ଥାଉ
ପ୍ରତିଦ୍ୱନ୍ଦୀ ନିଶା ଘାରେ
ପର ପଇସାରେ ବାହାଦୂରୀ ମାରେ
କିଏ ଶ୍ରେଷ୍ଠ କିଏ ତଳେ ।।

ଉପରେ ଉପରେ ଚିକଣତା ଭରେ
ଅନ୍ତରେ ଅଳିଆ ଥାଏ
ଚିପି ପର ତଣ୍ଟି ବଜାନ୍ତି ସେ ଘଣ୍ଟି
ପୁଜାଠୁଁ ଭସାଣି ଯାଏ ।।

ଭଜନ କୀର୍ତ୍ତନ ହୁଅଇ ସପନ
ମେଲୋଡ଼ିରେ ପାହେ ରାତି
ପିଇଦେଇ ଢୋକେ ନାଲିପାଣି ଟୋକେ
ତାଳେତାଳେ ନାଚୁଥାନ୍ତି ।।

ପୂଜା ସିନା ହୁଏ ଅତି ଆଡ଼ମ୍ବରେ
ଭକତି ଘରଟି ଶୂନ
ପୂଜାର ଆଳରେ ଚାନ୍ଦା ଘରେଘରେ
ମଦଠିଁ ରଖନ୍ତି ମନ ।।

ସବୁଠାରୁ ବଳି ଭସାଣିର ମେଳି
ଛେଳି କୁକୁଡ଼ାଙ୍କ କାଳ
ଉପରେ ଉପରେ ଛୁଙ୍କ ମାରି ନିଏ
ଠିପି ଖୋଲା କାରବାର ।।

ନିଶା କରେ ବାଇ ହାତାହାତି ହୋଇ
ଠେଲାପେଲା ହଣାକଟା
ଭୁଲି ହିନ୍ଦୁ ନୀତି କରନ୍ତି ଅନୀତି
ଲୋଚନେ ଦେଖନ୍ତି ମାତା ।।

ଶୁଭ୍ର ଢ଼େଉ ଧାରେ ଶିଶିର ବିନ୍ଦୁରେ
ଆସୁଥିଲେ ପାଦ ଦେଇ
ଧରମ ଗଲେଣି ଏ ଧରା ମଶାଣି
ସମ ସଦା ଦିଶୁଥାଇ ।।

ଗୋଟିଏ ମହିଷା ଦେଲା ନାନା ଦଶା
ଉଭା ହେଲେ ସିନା ମାତ
ଅସଂଖ୍ୟ ମହିଷା ଦେଖି ଦୁର୍ଗା ମାତା
ପାଦ ପକାନ୍ତିନି ମର୍ତ୍ତ୍ୟ ।।

ପାଳସାହି, ବାଲିପାଟଣା,
ଖୋର୍ଦ୍ଧା

# ଦେହାଗ୍ନି

**ପଙ୍କଜିନୀ ଉପାଧ୍ୟାୟ**

ମହିଷାସୁର
ବ୍ରହ୍ମା ବର ପ୍ରାପ୍ତ
ମରିବ ନାହିଁ
ଜଳ ସ୍ଥଳ ପାତାଳ
ଦେବ ଦାନବ ମାନବ
ପୁରୁଷ ଅବା ସ୍ତ୍ରୀ
ଅସ୍ତ୍ର ଅବା ଶସ୍ତ୍ର
ତା'ହେଲେ
କେମିତି ହେବ ନିହତ ?

ପ୍ରଶ୍ନବାଚୀ ବହୁ ????????
ସନ୍ତୁଷ୍ଟିରେ ବ୍ରହ୍ମା
ଦେଲେ ବର
ଚିନ୍ତା ହଜିଗଲା
ଚେତନା ଜାଗିଲା
ବିବସନା ନାରୀ ହସ୍ତେ
ହେବ ତା' ମରଣ ।

ବରର ପ୍ରଭାବ
ବ୍ୟାପିଲା
ଆକାଶ ପାତାଳ ବସୁଧା
ଥରହର ହେଲା
ଅତ୍ୟାଚାରେ
ତ୍ରାହି ତ୍ରାହି
ଶୁଭିଲା ସର୍ବତ୍ର
ପ୍ରମାଦର କାଳବେଳା
ହେଲା ଉପଗତ।

ଦେବଲୋକ
ହେଲା ଅସ୍ତବ୍ୟସ୍ତ
ଦେବଗଣ
ହୋଇ ଏକତ୍ରିତ
ବିଷ୍ଣୁଙ୍କ ଶରଣାର୍ଥେ
ପହଞ୍ଚିଲେ କ୍ଷୀରାବ୍ଧିସାଗର।

ଅନନ୍ତ ସେ
ମହିମା ଅନନ୍ତ
କ୍ଷୀର ସାଗରେ
ଶୟନରତ
ଅନନ୍ତ ନାଗ ଶେଯ ପରେ
ଲକ୍ଷ୍ମୀ ଠାକୁରାଣୀ
କରୁଥିଲେ
ଅନନ୍ତ ପଦ ସଞ୍ଚାଳନ।

ଦେବତାମାନେ
ସ୍ମରଣ କଲେ ବିଷ୍ଣୁଙ୍କୁ
ସ୍ୱଳ୍ପ ସମୟର
ଅତିକ୍ରାନ୍ତ ବେଳା
ମୁଦ୍ରିତ ଚକ୍ଷୁ
ହୋଇଲା ଉନ୍ମୁକ୍ତ
ବିଷ୍ଣୁ ବିସ୍ମିତ
ପ୍ରଶ୍ନ ଭରା ନେତ୍ରର ପ୍ଲାବନ
ଉତ୍ତର ମହିଷାସୁର ଉପର।

ବିଷ୍ଣୁ ଓଷ୍ଠେ
ମୃଦୁ ମୃଦୁ ହାସ୍ୟ
ବ୍ରହ୍ମାଙ୍କୁ ଚାହିଁ
ଭିନ୍ନ ଏକ ଲାସ୍ୟ
ଦୋଷ ସବୁ ବ୍ରହ୍ମାଙ୍କର
ଏ ଲାସ୍ୟର ମହିମା
ବ୍ରହ୍ମା କଲେ
ଦୋଷ ସ୍ୱୀକାର
ବହିଗଲା ପାଣି
ଆଉ ଫେରିବନି କୂଳ
ସମାଧାନ ବାଟ
ଦିଅ ପ୍ରଭୁ
ଦିଅ ହେ ବତାଇ।

ଗମନ କଲେ
ସବୁ ଦେବ
ବିନ୍ଧ୍ୟପର୍ବତ ଅଭିମୁଖେ
ବିଚାର ବିମର୍ଷ ଚାଲିଲା
କ'ଣ କରାଯାଇପାରେ ?

ସ୍ମରିଲେ ଦେବେ
ଆଦିମାତା
ଦେବ ଦେହ ହେଲା
ତେଜମୟ ତେଜରୁ
ଜାତ ସେ ଅଗ୍ନି
ଦିବ୍ୟଶିଖା ପ୍ରାପ୍ତ
ଉର୍ଦ୍ଧ୍ୱମୁଖୀ ଶିଖା
ଗଗନକୁ ବ୍ୟାପ୍ତ।

ତେଜାଗ୍ନିରୁ ଜନ୍ମ ନେଲେ
ତେଜମୟୀ ନାରୀ
ଦେବତା ପ୍ରଣମିଲେ
ଦେବ ଦେହରୁ ଜାତ
ଦେହାଗ୍ନିଙ୍କୁ ।

ଦେହାଗ୍ନିଙ୍କ ନାମ
ହେଲା ସ୍ଥିର
ଦୁର୍ଗତି ନାଶନ ପାଇଁ
ଯେଣୁ ତାଙ୍କ ଜନ୍ମ
ଦୁର୍ଗା ନାମେ
ହୋଇଲେ ଭାଜନ।

ପ୍ରଶ୍ନ ???????
ଦୁର୍ଗାଙ୍କର
କେଉଁ ଦୁର୍ଗତିରୁ ନିବୃତ୍ତି ପାଇଁ
ମୋତେ ଆବାହନ
ବ୍ରହ୍ମାଙ୍କ ଉତ୍ତର
ମହିଷାସୁର ଦାଉରୁ
ରକ୍ଷାକର ତିନିପୁର।

ଅସ୍ତ୍ରହୀନା ଦୁର୍ଗେ ମାତେ
କେମିତି ବଦ୍ଧିବେ ?
ତ୍ରାସକାରୀ
ସେ ମହିଷାସୁରେ।

ସବୁ ଦେବ
ସ୍ୱ ଅସ୍ତ୍ରକୁ କରିଲେ ପ୍ରଦାନ
ପିନ୍ଧିବାକୁ ଦେଲେ ପାଟବସନ
ସବୁ ବାହନରୁ ଶକ୍ତି ନେଇ

ପଶୁରାଜ ସିଂହକୁ
ବାହନେ ସଜାଇ।

ଶକ୍ତିରୂପା ଦୁର୍ଗା
ବାହନେ ଉପବେଶନ କରି
ବାହାରିଲେ
ମହିଷାସୁର ସଂହାରି।

ମହିଷାସୁର ଅବସ୍ଥାନ
ତା'ର ରତ୍ନପାହାଡ଼
ଚଣ୍ଡ ମୁଣ୍ଡ ଶୁମ୍ଭ ନିଶୁମ୍ଭ
ବଳଶାଳୀ ସେନାପତି ।

ଚଣ୍ଡ ମୁଣ୍ଡ ହେଲେ ହତ
ଅନିନ୍ଦ୍ୟ ସୁନ୍ଦରୀ ନାରୀ ସ୍ପର୍ଶ ପାଇଁ
ଶୁମ୍ଭ ନିଶୁମ୍ଭ ନିହତ ହେଲେ
ନର୍ତ୍ତନ ଛଳରେ ମୁଣ୍ଡେ ହାତ ଥୋଇ।

ଅପୂର୍ବ ସୁନ୍ଦରୀ
ସେହି ଅସାମାନ୍ୟା ନାରୀ
ଯୁଦ୍ଧର ଡାକରା ଦ୍ୱନ୍ଦ ଯୁଦ୍ଧ ପାଇଁ
କୌଣସି ଅସ୍ତ୍ରର ପ୍ରଭାବ
ନୁହେଁ ଫଳବତୀ
ମହିଷାସୁର ଯୁଦ୍ଧରେ
ନୁହଁ ପରାଜୟୀ।

ସର୍ବମଙ୍ଗଳା ଦୁର୍ଗେ
କରାଇଲେ ସ୍ମରଣ
ବସ୍ତ୍ର ତ୍ୟାଗ ବିନା
ମହିଷ ମରିବ ନାହିଁ

ବିବସନା ହେଲେ ଦୁର୍ଗା
ଅସହାୟ ହୀନବୀର୍ଯ୍ୟ
ହେଲା ସେ ମହିଷ।

ନିଧନର ବେଳ
ଉପସ୍ଥିତ
ଦୁର୍ଗାଙ୍କ ତ୍ରିଶୂଳେ
ହୋଇଲା ନିଧନ।

ଆକାଶରୁ
ହେଲା ଦେବ ପୁଷ୍ପ ବୃଷ୍ଟି
ଦୁର୍ଗା ପାଶେ
ଉପସ୍ଥିତ ହେଲେ
ଲକ୍ଷ୍ମୀ ସରସ୍ୱତୀ
କାର୍ତ୍ତିକ ଗଣେଶ ପାଦ ପାର୍ଶ୍ୱେ
ହେଲେ ଉଭା
ଶିବ ନନ୍ଦି ଭୃଙ୍ଗି ସାଥେ
ଶୂନ୍ୟେ କଲେ ଅବସ୍ଥାନ।

ଆନନ୍ଦ ସେଇ
ବିରଳ ମୁହୂର୍ତ୍ତ
ଦେହାଗ୍ନିଙ୍କ ତୁଷ୍ଟି ଆଉ
ସୃଷ୍ଟିର ଚରିତ।

ଅରଙ୍ଗାବାଦ,
ଯାଜପୁର

# ପାର୍ବଣ

ସୁହଂସ ଭୋଇ

ଶରତ ଋତୁର ଧରାବତରଣ
ଧରି ଆସେ ସାଥେ ପାର୍ବଣ
ମେଘ ମଳହୀନ ଜଳ ପରିଚ୍ଛନ୍ନ
ଜାଗି ଉଠେ ମନେ ତାରୁଣ୍ୟ

ଏଇ ଦେଖ ଶୁଭ ଆଶ୍ୱିନ ଆକାଶେ
ଉଇଁ ଆସିଲେଣି ତପନ
ଓହ୍ଲାଇ ଆସିବେ ମରତ ଭୁବନ
ମାଁ' ଉମା ତପି ଦେବଗଣ

ଆଲଟ ଚାମର ସେବା କରିବାକୁ
ଚାହିଁ ରହିଛି କାଶତୃଣ
ଶରତ ଋତୁର ଧରାବତରଣ
ଧରି ଆସେ ସାଥେ ପାର୍ବଣ

ତୁଳସୀ ମନ୍ଦାର ଦହନା ସିନ୍ଦୂରେ
ସୁନ୍ଦର ଦିଶିବ ଆନନ
ଧୂପ ଦୀପ ଝୁଣା ଦେଇ ନୀରାଜନ
କରିବୁ ମାଆଁ ଗୋ ବନ୍ଦନ

ଢାଲିବ ଆଶୀଷ ନ ହୋଇ କୁଣ୍ଠିତ
କରିବ ଜାଗତ କଲ୍ୟାଣ
ଶରତ ଋତୁର ଧରାବତରଣ
ଧରି ଆସେ ସାଥେ ପାର୍ବଣ

ପହଣ୍ଡି,
ବରଗଡ଼



# ପାର୍ବଣ

ଜ୍ୟୋତିପ୍ରଭା ପଟ୍ଟନାୟକ

ବରଷାର ଶେଷ ଶରତ ପ୍ରବେଶ
ହସିଲା ଧରଣୀ ରାଣୀ
ଶୁଭ୍ର କାଶତଣ୍ଡୀ ଚାମର ଢାଳୁଛି
ମା' ଆଗମନ ଜାଣି
ପାର୍ବଣ ଆସିଲା ପରା
ଆଶ୍ୱିନ ମାସରେ ମାଆ ଦୁର୍ଗା ପୂଜା
ଆମର ଏ ପରମ୍ପରା ।     (୧)

ମୃତ୍ତିକା ପୂଜନ ଓ ବିଲ୍ୱବରଣ
ବେଦମନ୍ତ୍ର ଚଣ୍ଡୀପାଠ
ମହିଷମର୍ଦ୍ଦିନୀ ଦେବୀ ଦୁର୍ଗାମାତ
ମରତରେ ଆବିର୍ଭୂତ
ଷୋଡ଼ଶ ଉପଚାର ପୂଜା
ଦୁଷ୍ଟଙ୍କୁ ବିନାଶି ସନ୍ଥଙ୍କୁ ଆଶ୍ୱାସି
ଦଶହରା ଦୁର୍ଗାପୂଜା ।     (୨)

ସପ୍ତମୀ ଅଷ୍ଟମୀ ନବମୀ ତିଥିରେ
ବଳି ଭୋଗର ନୈବେଦ୍ୟ
ବଳିପ୍ରଥା ଏବେ ସରକାରୀ ସ୍ତରେ
ହୋଇଗଲାଣି ନିଷେଧ
ପଶୁବଳି ଏବେ ନାହିଁ
ବଳି ଭୋଗ ପାଇଁ ପାଣିକଖାରୁ
ଗୋଟିଏ ଲୋଡ଼ା ପଡଇ । (୩)

ବରଷକୁ ଥରେ ଆଶ୍ୱିନ ପାର୍ବଣେ
ମାଆ ସରଗୁ ଆସନ୍ତି
ମଙ୍ଗଳମୟୀ ମା' ଦୁର୍ଗା ରୂପରେ
ଦଶ ଅସ୍ତ୍ର ଧରିଥାନ୍ତି
ଦଶମୀରେ ଦଶହରା
ପ୍ରଭୁରାମଚନ୍ଦ୍ର ରାବଣ ନିଧନ
କରି ରକ୍ଷାକଲେ ଧରା ।  (୪)

ଶାରଦୀୟ ଦୁର୍ଗାପୂଜା ଅବସରେ
ଦୁର୍ଗାମେଢ଼ ସାଜ ସଜା
ଶଙ୍ଖ ଭେରୀ ତୂରୀ ବାଜଇ ମହୁରୀ
ବାଜଇ ତେଲିଙ୍ଗି ବାଜା
ଆସିଲେ ଭସାଣି ବେଳ
ଆର ବରଷକୁ ପୁଣି ମା' ଆସିବେ
ଦିଅ ସର୍ବେ ହରିବୋଲ ।  (୫)

ଖୋର୍ଦ୍ଧା

# ଦୁର୍ଗତି ନାଶିନୀ ମାଆ...

ଜିତେନ୍ଦ୍ର କୁମାର ନାୟକ



ଭଉକତର ଡାକ ଶୁଣୁ
ଆହେ ଦୟାମୟୀ
ମନ୍ଦିରେ ବସିଛୁ ମା'
ଦୁର୍ଗତିନାଶିନୀ.....!
କି ଦେଇ ପୂଜିବି ମୁହିଁ
କି ଅଛି ମୋହର
ଯାହା ତ ଦେଖୁଚି ମା'
ସବୁ ତ ତୋହର....!
ଦୀନଜନଙ୍କ ସେବା
କରିବା ନିମନ୍ତେ
ଭରିଦିଅ ଯେତେ ବଳ
ଦେହ ଓ ମାନସେ.....!
ଆଜିର ଏ ପାର୍ବଣର
ଅମୃତ ବେଳାରେ
ଆଶିଷ ଦିଅ ହେ ମା'
ନ ହୋଇ ପାଷାଣ,
ଡାକୁଅଛି ଅହର୍ନିଶି
ଘେନ ମୋ' ଜୁହାର.....!

ସମ୍ପାଦକ, ପ୍ରୀତିପଦ୍ମା,
ସାକ୍ଷୀଗୋପାଳ, ପୁରୀ

# ବିଜେ ନବଦୁର୍ଗା

ଗୋପାଳ ଚନ୍ଦ୍ର ମିଶ୍ର

ପାର୍ବଣର ଋତୁ ହୋଇଲା ପ୍ରବେଶ
ନବଦୁର୍ଗା ପୂଜା ଆସୁଛି,
ଧରଣୀ ପୃଷ୍ଠରେ କାଶତଣ୍ଡୀ ଫୁଲ
ନୂଆ ନୂଆ ସବୁ ଦିଶୁଛି।

ହିମାଳୟଙ୍କର କନ୍ୟା ରୂପେ ମାଆ
ଶୈଳୀ ପୁତ୍ରୀ ନାମ ବହିଲ,
ବ୍ରହ୍ମଚାରିଣୀ ମା' ହାତେ ଜପାମାଳି
କମଣ୍ଡଳୁ ହସ୍ତେ ଧରିଲ ।

ଚନ୍ଦ୍ରଘଣ୍ଟା ନାମେ ତୃତୀୟ ଦିବସେ
ଉଗ୍ରରୂପେ ମାଆ ପୂଜିତ,
ଦେବୀ ଦଶଭୂଜା ସିଂହବାହିନୀ ମା'
ଅସ୍ତ୍ର ଶସ୍ତ୍ରେ ତୁମେ ସଜ୍ଜିତ।

କୁଷ୍ମାଣ୍ଡ ରୂପରେ ଦେବୀ ଦଶଭୂଜା
ଅମୃତ କଳସୀ ସାଥିରେ,
ସ୍କନ୍ଦ ମାତା ରୂପ ଧରିଣ ମାଆ ଲୋ
ପୁତ୍ରକୁ ଧରିଲ ଅଙ୍କରେ।

କାତ୍ୟାୟନଙ୍କର କନ୍ୟା ରୂପେ ମାତା
କାତ୍ୟାୟନୀ ତୁମେ ହୋଇଲ,
ସପ୍ତମ ଦିନରେ କାଳରାତ୍ରୀ ପୂଜା
ବିକଟାଳ ରୂପ ଧରିଲ ।

ଅଷ୍ଟମେ ମା'ଗୋ ମହାଗୌରୀ ତୁମେ
ସୌମ୍ୟ ରୂପ ତବ ହୋଇଲା,
ବୃଷଭ ବାହିନୀ ତ୍ରିଶୁଳ ଧାରିଣୀ
ଜଗତର ମନ ମୋହିଲା।

ସିଦ୍ଧିଦାତ୍ରୀ ତୁମେ ମୋକ୍ଷ ପ୍ରଦାୟିନୀ
ହେଲ ଚତୁର୍ଭୂଜ ମୂରତି,
ଶଂଖ ଚକ୍ର ଗଦା ପଦ୍ମ ଧରି ହସ୍ତେ
ଭକତକୁ ଦେଲ ମୁକତି।

ଆସ ଅବତରୀ ଦୟାମୟୀ ମାଆ
ସମୟ ନିକଟ ହୋଇଲା,
କଲ୍ୟାଣମୟୀ ଗୋ ଦୁର୍ଗତି ନାଶିନୀ
ଦୁଃଖ ଅମା ରାତ୍ରୀ ପାହିଲା।

ଅରିଲୋ,
କଟକ

# ଦୟାମୟୀ

**ବୈଶାଳୀ ସାହୁ**

ମା' ଗୋ, ଦୟାମୟୀ
ଚରଣେ ଶରଣ ଦେବୁ
ସଙ୍କଟ ଆସିଲେ ସାହା ହୋଇବୁ
ତୋ' କୋଳେ କୋଳେଇ ନେବୁ
ମାଆ ଗୋ, ଚରଣେ ଶରଣ ଦେବୁ।
ଛନ୍ଦ କପଟ ତ ଜଣାନାହିଁ ମୋତେ
ଖଳ ଜନଠାରୁ ରକ୍ଷା କରିବୁ
ଅଧର୍ମକୁ ନାଶକରି ସନ୍ଥ ଜନଙ୍କୁ ପାଳିବୁ
ମାଆ ଗୋ, ଚରଣେ ଶରଣ ଦେବୁ।
ଏଇ ସଂସାରଟା ମିଛମାୟା ଭରା
ଏଇ ପାପପଙ୍କରୁ ଉଦ୍ଧାରିବୁ
ମାଆ ଗୋ, ଚରଣେ ଶରଣ ଦେବୁ।

ଛଣଘର, ଜଟଣୀ,
ଖୋରଧା

# ଆସ ମା'

ନିରୁପମା ପାଣି

ଆସ ମା' ଅବତରି
ଏ ଧରା ପୃଷ୍ଠକୁ
ଅପକ୍ଷା ରହିଛି ଆଜି
ତୁମ ଆସିବାକୁ!!

ଶହସ୍ର ମହିଷାସୁର
ଉତ୍ପାତ ଧରାରେ
ଅଟ୍ଟହାସ୍ୟ ଶୁଣ ମାତ
ଥରୁଟେ କର୍ଣ୍ଣରେ!!

ଶୁମ୍ଭ ନିଶୁମ୍ଭ ପିଶାଚ
ଛତ୍ର ଛାୟା ତଳେ
କେତେ ଯେ ରାକ୍ଷସ ଆଜି
ଗାଆଁଠୁ ସହରେ!!

ପାପ ଭାରା ବଢିଯାଏ
ହତ୍ୟା ଯେ ଧର୍ଷଣ
କାମୁକ ଦିଅନ୍ତି ଏଠି
କେତେ ଯେ କଷଣ!!

ନାରୀ ମାଂସ ବିକା କିଣା
ସଂସାରେ ବଢୁଛି
ସରଳା ଅବଳା କେତେ
ଯନ୍ତ୍ରଣା ପାଉଛି!!

ଶବକୁ ଛାଡନ୍ତି ନାହିଁ
ଆଜିର ରାକ୍ଷାସ
ଆଖିତାଡି ଅରଜନ୍ତି
ଧନ କୀର୍ତ୍ତି  ଯଶ!!

ସଂସାରରେ ବ୍ୟଭିଚାର
ବେଳୁବେଳ ବଢ଼େ
ଧର୍ମ ଅଧର୍ମ  ବିଚାର
ଆଜି ପଥ ହୁଡ଼େ !!

ଖଣ୍ଡା ଖର୍ପର ଧରି
ଆସ ମହାମାୟୀ
ତୁମ ଆଗମନେ ଧରା
ଯିବ ଶାନ୍ତ ହୋଇ!!

ବିନତରା, ଚାନ୍ଦବାଲି,
ଭଦ୍ରକ

# ମାଆ ଆସୁଛନ୍ତି

## ଅମୀୟ କୁମାର ସାହୁ

କରୁଣାର ବାରି
ପଡୁଅଛି ଝରି
ଅଭୟ ହସ୍ତରୁ ତୋ'ର,
ଶରତ ଆକାଶେ
ଜହ୍ନ ଖେଳୁଛି ବଉଦର ସାଥେ
ଦିଶେ କେଡ଼େ ମନୋହର।

ପ୍ରଫୁଲ୍ଲିତ ଆଜି ହେଉଛି ପ୍ରକୃତି
ହସୁଛି ଧରଣୀ ରାଣୀ,
ରଜନୀଗନ୍ଧାକୁ କବରୀରେ ବାନ୍ଧି
ଉଲ୍ଲସିତ ସୀମନ୍ତିନୀ।

କାଶତଣ୍ଡୀ ସବୁ ଅଳସ ଭାଙ୍ଗନ୍ତି
ଅଳସୀ ନଈ ତୀରେ ତୀରେ,
ମୁଗ୍ଧ ମଞ୍ଜୁଳ ମଧୁର ମଳୟ
ବହୁଅଛି ଧୀରେ ଧୀରେ।

ଜନପଥ ଆଜି ହୁଏ ମୁଖରିତ
ଝରଣାର ନାଦ କରେ ବିମୋହିତ,
ପଲ୍ଲୀକାନନରେ ଆମ୍ର ଗଛ ଡାଳେ
କପୋତୀ ଗାଉଛି ଗୀତ।

ଆସୁଛନ୍ତି ମାତା
ସିଂହବାହିନୀ ଦନୁଜଦଳିନୀ
ହସ୍ତରେ ତ୍ରିଶୁଳ ଧରି,
ବିନାଶ କରିବେ
ରୋଗ ଦୁଃଖ ଶୋକ
ଲୋଭ ମୋହ ମାୟା
ତୁମ ଚରଣେ ଶରଣ ଗଲି।

ବୁଢାପଡା,
ଜଟଣୀ



# ଦେବୀଙ୍କ ଧରାବତରଣ

**ଚନ୍ଦ୍ରକଳା ଦେବୀ**

ଆସ ଆସ ମାତ କରୁଛୁ ସ୍ୱାଗତ
ଆଦ୍ୟାଶକ୍ତି ଦଶଭୂଜା,
ଯୁଗେଯୁଗେ ତୁମେ ପାପୀକୁ ନାଶିଣ
ଉଡ଼ାଇଛ ପରା ଧ୍ୱଜା ||
ନିର୍ମଳ ଶରତେ ଏ ପୁଣ୍ୟ ମରତେ
ମାଆ ଯେ ଆସିବେ ବୋଲି,
କେତେ ସାଜସଜ୍ଜା ପୁର ଆଉ ପଲ୍ଲୀ
ସର୍ବତ୍ର ପଡ଼େ ଉଚ୍ଛୁଳି ||
ଆଶ୍ୱିନ ମାସରେ ଫୁଟେ କାଶତଣ୍ଡୀ
ଫୁଟଇ ଯେ ପଦ୍ମ କଇଁ,
ଝରା ଶେଫାଳୀର ମହମହ ବାସ
ଚତୁର୍ଦ୍ଦିଗ ମହକଇ ||
ଅଧର୍ମ ଉପରେ ଧର୍ମର ପ୍ରତିଷ୍ଠା
ଅସତ୍ୟ ଉପରେ ସତ୍ୟ,
ବରଜି ଦୁର୍ଗୁଣ ଗ୍ରହଣେ ସୁଗୁଣ
ବିଜୟା ଦଶମୀ ଖ୍ୟାତ ||
ମହାଳୟାଠାରୁ ଆରମ୍ଭ ହୁଅଇ
ଦଶହରାଠାରେ ଅନ୍ତ,
ନବରାତ୍ରେ ମାଆ ନବ ରୂପଧାରୀ
ସୁସଜ୍ଜିତ ସୁଶୋଭିତ ||

ପ୍ରଥମ ଦିବସେ ଦେବୀ ଶୈଳପୁତ୍ରୀ
ଦ୍ୱିତୀୟେ ବ୍ରହ୍ମଚାରିଣୀ,
ତୃତୀୟରେ ମାଆ ଚନ୍ଦ୍ରଘଣ୍ଟା ରୂପୀ
ଚତୁର୍ଥେ କୁଷ୍ମାଣ୍ଡୀ ପୁଣି ||
ପଞ୍ଚମ ଦିବସେ ଦେବୀ ସ୍କନ୍ଦମାତା
କତ୍ୟାୟିନୀ ଯେ ଷଷ୍ଠରେ,
ସପ୍ତମ ଦିବସେ ମାଆ କାଳରାତ୍ରୀ
ମହାଗୌରୀ ଅଷ୍ଟମରେ ||
ନବମ ଦିବସେ ସିଦ୍ଧି ଦାତ୍ରୀ ପୂଜା
ଦଶେ ମହିଷାମର୍ଦ୍ଦିନୀ
ଦଶଭୁଜାଧାରୀ ମାଆ ସିଂହବାହିନୀ
ଧରାପୃଷ୍ଠେ ଅଗମନି ||
ସାରା ସଂସାରର ତୁମେ ମାଆ ପରା
ସରବେ ତୋର ଆଶ୍ରିତ,
ସରବ ଜନଙ୍କୁ ସୁବୁଦ୍ଧି ଦିଅ ମା'
ଢାଳିଦେଇ ଶୁଭାଶିଷ ||

**ବନ୍ଧୁଗାଁ,**
**କୋରାପୁଟ**

# ଆସୁଛି ପାର୍ବଣ

ଆରତୀ ପ୍ରହରାଜ



ଅଶିଣରେ ଆସୁଛି ପାର୍ବଣ
ପାବନର ପବିତ୍ରତା ନେଇ
ଆଗମନି ଗୀତିକାର ସୁମଧୁର ସ୍ୱନ
ଶୁଭୁଅଛି ଘନେଇ ଘନେଇ
ପ୍ରାଣରେ ପ୍ରାଣରେ ପୁଲକ
ଶିହରାଏ ତନୁ ମନ
ଚଉଦିଗ ସୁଶୋଭିତ ମାଙ୍ଗଳିକ ନିନାଦନ
ଜଗତଜନନୀ ମା' ଗୋ ବେଲ ବରଣେ ବରଣୀ
ଚକ୍ଷୁଦାନେ ନିରେଖିବେ ଚଉଦ ଭୁବନ
ଦଶଦିଗେ ପ୍ରସାରିବେ ଦଶଭୁଜା
ସଂହାରିବେ ଦୁଷ୍ଟ ପ୍ରକୃତିକୁ
ବିନାଶିବେ ବିପଥଗାମୀଙ୍କୁ
ଅପାର କରୁଣା ବିଞ୍ଚି ଦେବେ ଜନମାନସକୁ
ଜାଗ୍ରତ ହୋଇଯିବ ଅନ୍ତଃଚେତନା
ବିକଶିବ ମାନବୀୟ ଗୁଣ
ଖେଳିଯିବ ସ୍ନେହ ଫଲ୍ଗୁର ଧାରା
ତିନ୍ତିଯିବ ମନ ଆଉ ଚହଟିଯିବ ବାସ
ସିନ୍ଦୂର ଖେଳାରେ ନାଲି ରଙ୍ଗ ପ୍ରତୀକ ଏ ପ୍ରଗତିର
ଘନ ଅନ୍ଧାର ଯିବ ଅପସରି
ମା'ର ପଣତ ବିଶ୍ୱାସର ଘର
ଆଶିଷର ସ୍ୱର
ସ୍ନେହର ଭଣ୍ଡାର
ଯୁଗଯୁଗର ଯୁଗଯୁଗର

ଭୁବନେଶ୍ୱର



# ମା' ଆସୁଛି ପାର୍ବଣ ସହ

**କଳ୍ପନା ମିଶ୍ର**

ଭାଦ୍ର ଆଶ୍ୱିନରେ ଶରତ ଆସିଛି
ମର୍ତ୍ତ୍ୟ ଭୂମିକୁ ଓହ୍ଲାଇ
ସାଥିରେ ଆଣିଛି ପର୍ବପର୍ବାଣୀକୁ
ବାଜେ ଶୁଭ ସାହାନାଇ ।

ସବୁଜିମା ଭରା ସୁନ୍ଦରୀ ଧରଣୀ
ଆଲଟ ଚାମର କରି
ପ୍ରତୀକ୍ଷା କରିଛି ମା' ଦୁର୍ଗାଙ୍କୁ ସେ
କାଶତଣ୍ଡୀ ହାତେ ଧରି ।

ମଧୁ ମାଳତୀ ଓ କିଆ କେତକୀର
ପ୍ରଣୟ ବିଭୋର ବାସ
ଶୁଭ୍ର ସକାଳର ଘାସ ପତରରେ
ଶିଶିର ପ୍ରେମ ପରଶ ।

ଶୁଭ୍ର ଶରତରେ ନିର୍ମଳ ଆକାଶ
ପ୍ରକୃତି ଶୋଭା ବଢ଼ାଏ
ଚମ୍ପା, ନାଗେଶ୍ୱର, ଶେଫାଳି, କେତକୀ
ସୁଗନ୍ଧ ବିତରୁ ଥାଏ ।

ଘଣ୍ଟ ଘଣ୍ଟା ତାଳ ଶଙ୍ଖ ଓ ମୃଦଙ୍ଗ
ମହୁରୀର ସାତ ସୁରେ
ମା' ଆସୁଅଛି ଦୁଷ୍ଟ ବିନାଶିବ
ସତେକି ଏ ମର୍ତ୍ତ୍ୟପୁରେ ।

ହରିପୁର, ସୁକିନ୍ଦା,
ଯାଜପୁର

# ପାର୍ବଣ

## ସୁରାତ୍ରୀ ପ୍ରଧାନ

ପାର୍ବଣ ଆସିଛି ଆଶ୍ୱିନ ଆକାଶେ
ଶରତ ପ୍ରବେଶ କାଳେ
ନଈ ପଠା ପରେ କାଶତଣ୍ଡୀ ଫୁଲ
ଝୁମୁ ଥାଏ ତାଳେ ତାଳେ ।।

ନିର୍ମଳ ଶୋଭାରେ ହସୁଛି ଧରଣୀ
ମେଘ ନାହିଁ ଆକାଶରେ
ବଉଦର ମାଳ ଭାସେ ଖଣ୍ଡ ଖଣ୍ଡ
ଅପୂର୍ବ ଶୋଭା ସମ୍ଭାରେ ।।

ଜ୍ୟୋସ୍ନା ବିଧୌତ ରଜନୀ କୋଳରୁ
ଝରେ ଶିଶିରର ବିନ୍ଦୁ
ନାନା ଜାତି ଫୁଲ ଫୁଟି ମହକଇ
ମାଧବୀ ଲତାର ଛନ୍ଦୁ ।।

ସନ୍ଧ୍ୟା ଆକାଶରେ ତାରା ଫୁଲ ଫୁଟି
କେତେ ମନଲୋଭା ଦିଶେ
ଚଉଦିଗେ ଭରା ମଧୁର ମହକ
ମଳୟ ପରଶେ ବାସେ ।।

ଶରତ ସକାଳେ କାକର ଟୋପାରେ
ଝରୁଛି ଝରା ଶେଫାଳି
ପ୍ରକୃତି ପ୍ରାଚୁର୍ଯ୍ୟେ ହସୁଛି ପାର୍ବଣ
ଅଙ୍ଗେ ଉନ୍ମାଦନା ଭରି ।।

ନଦୀ ଯାଏ ବହି କୂଳକୁ ତା' ଛୁଇଁ
ଖେଳଇ ଜଳ ଭଉଁରୀ
ସେ ରୂପ ବଲ୍ଲଭ ଚପଳ ସୁଲଭ
ସତେକି ରୂପ କାଉଁରୀ ।।

ଶରତର ଶୋଭା କେତେ ମନଲୋଭା
ପ୍ରକୃତି ରୂପ ସମ୍ଭାର
ଧରାରେ ବହୁଛି ସ୍ନିଗ୍ଧ ଶୀତଳତା
ଲାଗଇ କେତେ ମଧୁର ।।

କୁସୁପୁରୁ, ଗୋପ,
ପୁରୀ

# ପାର୍ବଣ

**ଅଶେଷ ଲୋଚନ ଆଚାର୍ଯ୍ୟ**

ଶରତ ଆସିଛି ମରତ ଧାମକୁ
ଫେରି ଯାଇଅଛି ବରଷା ରାଣୀ,
ସକାଳ ଖରାରେ ଚିକିମିକି କରେ
ଗଛ ପତରରେ କାକର ପାଣି ।(୧)
ଭାସି ଭାସି ଯାଏ ଧଳା ମେଘ ରାଶି
ଗଳିପଡେ କେବେ ବରଷା ବିନ୍ଦୁ,
ଖିଲିଖିଲି ହସେ ନିର୍ମଳ ଜଳରେ
ସଞ୍ଜ ନଇଗଲେ ଶରଦ ଇନ୍ଦୁ ।(୨)
ନଈପଠା ପରେ କାଶତଣ୍ଡୀ ଫୁଲେ
ଧବଳ ରଙ୍ଗର ଖେଳଇ ଢେଉ,
ବଗୁଲୀ ବସିଛି ଧ୍ୟାନରେ ବିଲରେ
ଖାଇବାକୁ ମାଛ ଗଡିଶା କଉ ।(୩)
ଗଙ୍ଗଶିଉଳିଟି ବାସ ଚହଟାଇ
ଯାଇଅଛି ଶୋଇ ଧୂଳି ଶେଜରେ,
ରସିକ ଭ୍ରମର ମଧୁ ପାନକରି
ଫେରି ଯାଉଅଛି ଶେଷ ପ୍ରହରେ ।(୪)
କଦମ୍ବ ମୂଳରେ ଫୁଲ ଶେଜ ପାରି
ହାତ ଠାରି ଡାକେ ଆସ କହ୍ନାଇ,
ଶରତ ଋତୁର ଜୋଛନା ରାତିରେ
ରାସକୁ ରଚିବ ଆସିବେ ରାଇ ।(୫)

ବୁଢିଆଣୀ ଦେଖ ଚନ୍ଦ୍ରାତପ ଟାଣି
ସକାଳ ବତାସେ ଖେଳଇ ଦୋଳି ,
ରବି କିରଣରେ ଝଲମଲ ଦିଶେ
ସୁନାରୂପା ସତେ ଦେଇଛି ଢାଳି ।(୬)
ଚାଷୀଭାଇ ମନ ହୁଏ ଛନଛନ
ସବୁଜ କ୍ଷେତକୁ ଅନାଇ ଦେଇ,
ଗର୍ଭଣା ସଂକ୍ରାନ୍ତି ପାଖେଇ ଆସୁଛି
ମାଆଙ୍କୁ ପୂଜିବ ନୈବେଦ୍ୟ ଦେଇ ।(୭)
ଜନ୍ମାଷ୍ଟମୀ ପରେ ରାଧାଷ୍ଟମୀ ଗଲା
ମୂଳାଷ୍ଟମୀ ଦ୍ୱିତୀବାହନ ଓଷା,
ଜଗତଜନନୀ ମହିଷାମର୍ଦ୍ଦିନୀ
ଆସିବେ ଧରାକୁ ହୋଇ ସୁବେଶା ।(୮)
ପତଳା କୁହୁଡ଼ି ଚାଦରକୁ ଘୋଡ଼ି
ଖରା ପୋଉଁଅଛି ପ୍ରକୃତି ରାଣୀ ,
ମଜା ଲାଗୁଅଛି ଦେହରେ ପଡ଼ିଲେ
ଝିରିଝିରି ହୋଇ କାକର ପାଣି ।(୯)
ରାସ୍ତାଘାଟ ସଫା ନଈପାଣି ତୋଫା
ସଜେଇ ହେଲାଣି ଧରଣୀ ରାଣୀ,
ଶରତ ଆଣିଛି ମନରେ ହରଷ
ଦେବୀ ଆବାହନ ଶୁଣାଗଲାଣି ।(୧୦)

ବଳଭଦ୍ରପୁର,
ମୟୂରଭଞ୍ଜ

# ପାର୍ବଣ

**ବିଶ୍ୱନାଥ କର**

ଅଶିଣ ମାଟି ସଜେଇ ହେଲାଣି କାଶତଣ୍ଡୁର ଶୁଭ୍ରତାରେ
ଆସିବେ ମା' ଦୁର୍ଗତିନାଶିନୀ ଜଗତ ଜନନୀ ମାଆ
ପବନରେ ଖାଲି ପାର୍ବଣ ମହକ
ଗାଁରୁ ସହର ଯାଏ ଚାକଚକ୍ୟର ଛାପ ।

ବେଶ୍ ସଜେଇ ହେଲାଣି ଗାଁ ଆଉ ସହର ବଜାର
ନାନା ରଙ୍ଗେ ବିପଣୀ ପସରା
ଝଲସୁଛି ମାଆଙ୍କୁ ସ୍ୱାଗତ କରି
ଧନୀ ଠାରୁ ଦିନ ମଜୁରିଆ ସମସ୍ତେ ନାଚନ୍ତି ଖୁସିରେ
ଆସୁଛି ପାର୍ବଣ ଆସୁଛନ୍ତି ମାଆ ।

ବର୍ଷାମୁକ୍ତ ଆକାଶରେ ତୋଫା ଜହ୍ନର କିରିକିରି ହସ
ଅରୂପା କେଉଁ ଯାଦୁକର କରେ ଆୟୋଜନ
ସଜେଇ ମାଆଙ୍କ ଆସିବା ପଥେ
ମୁକ୍ତା ପରି ଟୋପା ଟୋପା ସ୍ନିଗ୍ଧ କାକର ବିଛେଇ
ଆସିବେ ମାଆ ଶୁଣିବାକୁ ଭକ୍ତଙ୍କ ମାଗୁଣି
ଭକ୍ତଙ୍କ ଆରତ ଦଇନି ।

ଦୁଃଖିଙ୍କ ହାରିବେ ଦୁଃଖ ନାଶିବେ ପାପର ଭାର
ଉଶ୍ୱାସ କରିବେ ମାଟି
ଆଶୀର୍ବାଦ ଭରି ଅଭୟ ହାତରେ
ଚଲାପଥ ବୁଲାଣିରେ ଥିବେ ଅହରହ
ବାଟବଣା ସମୟର କୁହୁଡ଼ି ହଟେଇ
ହାତ ଧରି କଢ଼େଇବେ ବାଟ ମାଆର ମମତା ଢାଳି ।

ସବୁ ଅହଂକାର ତେଜି ବିଶ୍ୱପ୍ରେମେ ମଜ୍ଜି
ଶରଣାଗତ ହୁଅ ମାଆଙ୍କ ଅଭୟ ପୟରେ
ଦୂରେଇଯିବ ସବୁ ଝଡ଼ର ବାଦଲ
ଆଲୋକିତ ହେବ ସବୁ ମହାର୍ଘ ସକାଳ
କୁସୁମିତ ହେବ ପଥ କଣ୍ଟକ ବିହୀନ
ମାଆ ସେ ଅଭୟ ଦାୟିନୀ
ଦୁର୍ଗତି ନାଶିନୀ ପାପର ନାଶନ
ଦୂରେଇ ଦେବେ ସବୁ ଦୁଃଖ ଓ ଦୈନ୍ୟର କଷଣ
ବିଶ୍ୱପ୍ରେମେ ମଜ୍ଜି ଯିବ ଏ ପାର୍ବଣ ।

ସାଇ କଲୋନୀ, ଦେଉଳସାହି,
ତୁଳସୀପୁର, କଟକ



# ମା' ଦଶଭୂଜା

ସନ୍ତୋଷିନୀ ଦାଶ

ଶରତ ଆସିଲା ମରତ ହସିଲା
ଦଶଭୂଜା ହେଲେ ଉଭା
କାଶତଣ୍ଡୀ ଫୁଲେ ଉକୁଟି ଉଠିଲା
ଦେବୀ ମାଆଙ୍କର ଆଭା

ଶେଷ ଶରତର ନିର୍ମଳ ପରଶେ
କାଶତଣ୍ଡୀ ଫୁଲ ଧାରେ
ଦୁର୍ଗା ମାଆଙ୍କର ଆବାହନ ହୁଏ
ଷୋଡ଼ଶ ଉପଚାରରେ

ଦୁଷ୍ଟର ଦଳନ ସନ୍ଥର ପାଳନ
ପାଇଁ ଦେବୀ ଦଶଭୂଜା
ଦୁଷ୍ଟ ଦୁରାଚାର ମହିଷାସୁରକୁ
ଦେଲେ ଉପଯୁକ୍ତ ସଜା

ସୁରୁଜ ଉଇଁଲା ଧରଣୀ ହସିଲା
ଦେବୀଙ୍କର ମେଢ଼ ସଜ୍ଜା
ନାନାବିଧ ଫୁଲ ଫଳ ଉପଚାରେ
ଚାଲିଲା ମାଆଙ୍କ ପୂଜା

ଦୁର୍ଗତି ନାଶିନୀ ଅଭୟ ଦାୟିନୀ
ଦୁଃଖୀର ଗୁହାରୀ ଶୁଣ
ସମସ୍ତଙ୍କ ମୁଖେ ଫୁଟି ଉଠୁ ହସ
ହେଉ ଜଗତ କଲ୍ୟାଣ

ବରଗଡ

# ପାର୍ବଣ

**ନଳିନୀ ପ୍ରଭା ମିଶ୍ର**

ଆସିଛି ଅଶିଣ ଧରି ପାର୍ବଣ
ଶାରଦୀୟ ଦୁର୍ଗାପୂଜା
ଷୋଡ଼ ଉପଚାରେ ପାଇବେ ପୂଜନ
ମା' ଦେବୀ ଦଶଭୁଜା।
ହସୁଛି ପ୍ରକୃତି ମହା ଆନନ୍ଦରେ
ଶୁଭ୍ର ସୁଷମାଙ୍କୁ ଧରି
ପାର୍ବଣ ବସରେ ମା' ଦଶଭୁଜା
ଆସିଛନ୍ତି ଅବତରି।
ନାନା ଜାତି ଫୁଲେ ଶୋଭିତ ଧରଣୀ
ସ୍ୱାଗତ ଛଳେ ବିଧାନ
ନଈ ପଠା ଧାରେ କାଶତଣ୍ଡୀ
ଅଛି ସଧୀରେ ଦଣ୍ଡାୟମାନ।
ନୀଳ କଇଁ ଦେଇ ପୂଜିବେ ହରଷେ
କଖାରୁ ଫୁଲକୁ ନେଇ
ଷୋଡ଼ ଉପଚାରେ ପୂଜା ମଣ୍ଡପରେ
ଅଧିଷ୍ଠିତ ମହାମାୟୀ।

ପୂଜା ବିଶେଷତ୍ୱ ପୌରାଣିକ ଆଖ୍ୟା
କରୁଛି ଯଥା ବହନ
ଦୁର୍ଗାଙ୍କ ଆଶିଷେ ପ୍ରଭୁ ରାମଚନ୍ଦ୍ର
ରାବଣ କଲେ ନିଧନ।
ମହିଷାକୁ ମାରି ଦେବୀ କାତ୍ୟାୟନୀ
ନାଶିଲେ ଧରା ଦୁର୍ଗତି
ନମୋ ଆଦିମାତା ବିପଦ ନାଶିନୀ
ଧନ୍ୟ! ତୋ'ର ନାରୀ ଶକ୍ତି।
ଶତ ମହିଷାଙ୍କ ଆବିର୍ଭାବ ଆଜି
ଜାଗି ଉଠୁ ନାରୀ ଶକ୍ତି
ତୋର ଆଶୀର୍ବାଦେ ଧରା ହେଉ ଶାନ୍ତ
କରୁଛି ଏହି ବିନତୀ।
ଜଗତ କଲ୍ୟାଣ ହେଉ ମା' ସାଧନ
ସବୁ ଦୁଃଖ ଯାଉ ଦୂରେ
କରୁଛି ଦୟିନୀ ଆତୁରେ ମା' ଲୋ !
ପାର୍ବଣ ଅବସରେ।

**ମୁକୁନ୍ଦପୁର, ଆସ୍କା,
ଗଞ୍ଜାମ**

# ପାର୍ବଣ

**ବୀଣାପାଣି ଦେବୀ**

ଶରତ ସମ୍ଭାର ପାର୍ବଣ ବେଭାର
ଅନେକ ପର୍ବର ଆସର
ହସ ଆଉ ଖୁସି ଭରି ଦିଏ ପ୍ରାଣେ
ପୁଲକ ଆଣଇ ଅପାର।
ନିର୍ମଳ ଗଗନ ତାରା ପନ୍ତି ପନ୍ତି
ଜ୍ୟୋତ୍ସ୍ନାରେ ବିଧୌତ ରଜନୀ
ତୋଫା ଚାନ୍ଦିନୀରେ ମା' ବିରାଜନ୍ତି
ଝଲସି ଉଠିଲା ଚାନ୍ଦିନୀ
ଶାରଦୀୟ ପର୍ବ ଓଡ଼ିଶାର ଗର୍ବ
ଋତୁର ମହକ ପାର୍ବଣ
ପାର୍ବଣରେ ମା' ଧରାକୁ ଓହ୍ଲାଇ
ଆଶିଷ କରନ୍ତି ଅର୍ପଣ
ଷୋଡ଼ଶୋପଚାରେ ଷୋଡ଼ଶ ପର୍ବରେ
ଗିରିରାଜାଙ୍କର ନନ୍ଦିନୀ

ଦଶରା ପର୍ବରେ ଦେବାକୁ ଆଶିଷ
ମର୍ତ୍ତ୍ୟରେ ଜାଳନ୍ତି ରୋଷଣୀ
ଅଷ୍ଟ ଆଭରଣ ହୋଇ ବିଭୂଷଣ
ମା'ଙ୍କ ପ୍ରତିମା ହସଇ
ସରଗ ସୁଷମା  ମର୍ତ୍ତେ ଅନୁପମା
ମହକି ମହକ ବାଣ୍ଟଇ
ଦେବୀ ଦଶଭୁଜା ନାନା ରୂପେ ସଜା
ଭୁବନ ମୋହିନୀ ବେଶରେ
କେତେ ପଟୁଆର କେତେ ଉପଚାର
ବର୍ଣ୍ଣିବି ମୁଁ କାହିଁ ଭାଷାରେ
ବର୍ଷକୁ ଥରେ ପାର୍ବଣ ଆସଇ
ହସି ଉଠେ ଏହି ମରତ
ଜଗତ କଲ୍ୟାଣେ କଲ୍ୟାଣ ମୟୀ ସେ
ଅପସରି ଯାଉ ଦୁର୍ଗତ

ବାଣପୁର,
ଖୋର୍ଦ୍ଧା



# ପାର୍ବଣ

**ନଳିନୀ ପ୍ରଭା ଦାସ**

ମୌସୁମୀ ମେଲାଣି
ବର୍ଷା ଲେଉଟାଣି
ଧରା ଆଗମନେ ଶରତ
ନଦୀ ପଠାଧାରେ
କାଶତଣ୍ଡୀ ହସି
ମାଆକୁ କରୁଛି ସ୍ୱାଗତ
ଅପେକ୍ଷାରେ ରତ ଭକତ
ଗାଁଠୁଁ ସହର ସଜେଇ ହୁଅଇ
ପାର୍ବଣ ରତରେ ମରତ ।

ଶୁଭ ଘଟ ସ୍ଥାପି ମୁରୁଜକୁ ଲେପି
ଅମନ୍ତ୍ରେ ଆହ୍ୱାନ କରୁଛୁ
ଭକତି କୁସୁମ
ତବ ପାଦେ ଦେଇ
ତନ ମନ ସମର୍ପୁଛୁ
ଅବତରି ଆସ ଧରାକୁ
ପାପ ବିନାଶିଣ
ସନ୍ଥର ପାଳନ
ଆଶ୍ୱାସିତ କର ପୃଥିକୁ ॥

ଚିର ବନ୍ଦନୀୟା
ଚିର ପୂଜନୀୟା
ଦୁର୍ଗତିନାଶିନୀ ମା' ଦୁର୍ଗା
ତୁମେ ମା' ଭବାନୀ
ତୁମେ ନାରାୟଣୀ
ତୁମେ ମାତା ଜଗଦମ୍ବା
ପାର୍ବଣରେ ତୁମ ବାସ୍ନା
ଝରା ଶେଫାଳିରେ
କାକର ବିନ୍ଦୁରେ
ଶରତ ଶୁକ୍ଳେ ଆଗମନା ।

ନବରାତ୍ରି କାଳେ ନବ ଦେବୀ ରୂପେ
ପୂଜା ପାଅ ପାର୍ବଣରେ
ନାନା ପୁଷ୍ପଲାଗି
ନାନା ବେଶ ସାଜି
ପୂଜା ପାଅ ମଣ୍ଡପରେ
କଳୁଷନାଶନ କର
ଦିବ୍ୟ ଜ୍ୟୋତି ରୂପା
ଆଲୋକର ଶିଖା
ଆଲୋକିତ ଧରା କର ॥

ଚାତକ ପରିକା
ଚାହିଁ ରହିଥାନ୍ତି
ଧରାବାସୀ ଶରତକୁ
ଆଶ୍ୱିନ ଶୁକ୍ଳେ
ସରଗୁଁ ଗୋ ଆସ
ଶୈଳପୁତ୍ରୀ ଏ ଧରାକୁ
ତୁହି ମାତା ହୈମସୂତା
ତୋ'ର ଶ୍ରୀପୟରେ
ଅଧମ ନଳିନୀ
ଶରଣ ପଶେ ସର୍ବଦା ॥

ସିଂହବାହିନୀ ମା'
ମହିଷାମର୍ଦ୍ଦିନୀ
ଖଣ୍ଡାଖର୍ପର ଧାରିଣୀ
ତବ କରୁ(ହାତରୁ) ଝରୁ
ଆଶିଷର ବାରି
ନମାମି ଜଗଜ୍ଜନନୀ
ଅଭୟ ବରଦାୟିନୀ
ବ୍ରହ୍ମଚାରିଣୀ ମା' ଚନ୍ଦ୍ରଘଣ୍ଟା ମା'ଲୋ
ବନ୍ଦେ ତୋ' ପଦ ଜନନୀ ॥

ତବ କୃପା ବଳେ
ଦଶାନନ ହତ
ତ୍ରେତାରେ ଶ୍ରୀରାମ କଲେ
ଆଶ୍ୱିନେ ଖୁଲଣା
ସୁନ୍ଦରୀର କଥା
ଭକ୍ତ ମଙ୍ଗଳା ପୁଜିଲେ
ଶ୍ରୀଧର କଥା ଶୁଣିଲେ
ନଦୀ ମଧ୍ୟେ ମାତା ପଦ୍ମଫୁଲେ ଉଭା
ଧନେଶ୍ୱର ଯେ ଦେଖିଲେ ।

ଜୟ ଜୟ ମାତା
କାତ୍ୟାୟନୀ ମା'ଲୋ
କାଳରାତ୍ରୀ ସିଦ୍ଧିଦାତ୍ରୀ
ନବ ଦୁର୍ଗା ମଧ୍ୟେ
ମହାଗୌରୀ ତୁହି
ରକ୍ଷା କର ଏ ଧରଣୀ
ଚରଣ ବନ୍ଦନା କରି
ସାରା ଜଗତର
ସୁଖ ମନାସୁଛି
ଶ୍ରୀପାଦେ ଦାସ ନଳିନୀ ॥

**ଶିକ୍ଷୟିତ୍ରୀ,**
**ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,**
**ପିଣ୍ଡିଗାଁ, କଳମପୁର, କଳାହାଣ୍ଡି**

# ପାର୍ବଣ

## ସସ୍ମିତା ବାରିକ

ଶରତ ଋତୁର ଶୁଭ ଆଗମନେ,
କାଶତଣ୍ଡୀ ଶୋଭା ଧରା ଉପବନେ ।
ଶୁଭ୍ର ସବୁଜିମା ମହୀ ମଞ୍ଚାସନେ,
ଆସିବେ ମା' ଦୁର୍ଗା ଏସନ ପାର୍ବଣେ ।
ମମତାମୟୀ ସେ ଅଭୟଦାୟିନୀ,
ପାପ ତାପ ବିନାଶିନୀ ମା'ଗୋ ଭବାନୀ ।
ଦୁର୍ଗତି ନାଶିନୀ ଅଟୁ ତୁହି ଜଗତ ତାରିଣୀ,
ପାପତାପ ନାଶିବାକୁ  ଅବତର ଏ ଧରଣୀ ।
ମହାଳୟା ପରେ ମହୀ ହୁଅଇ ଚଞ୍ଚଳ,
ସୁ-ସ୍ୱାଗତ ଜଗଦମ୍ବେ ଜଗତ ସମ୍ବାଳ ।
ପ୍ରଥମେ ଆବିର୍ଭୂତା ଶୈଳପୁତ୍ରୀ ହିମ କନ୍ୟା
ବୃଷଭବାହାନ ଚତୁର୍ଭୁଜା ପଦ୍ମପୁଷ୍ପା ସୁଶୋଭନା ।
ଦ୍ୱିତୀୟେ ବ୍ରହ୍ମଚାରିଣୀ, ତୃତୀୟେ ଚନ୍ଦ୍ରଘଣ୍ଟା,
ଚତୁର୍ଥେ ମାତା କୁଷ୍ମାଣ୍ଡା, ପଞ୍ଚମେ ସ୍କନ୍ଦମାତା
ଷଷ୍ଠରେ କାତ୍ୟାୟନୀ, ସପ୍ତମେ କାଳରାତ୍ରି
ଅଷ୍ଟମେ ସିଦ୍ଧିଦାତ୍ରୀ, ନବମେ ମହାଗୌରୀ ନାମେ ଖ୍ୟାତି ।
ଅଧର୍ମ ଉପରେ ଧର୍ମ ବିଜୟର ବାନା
ଉଡ଼ାଇବା ପାଇଁ ମହାମାୟୀ ଜଗତେ ଅବତୀର୍ଣ୍ଣା ।
କଳିକଳୁଷ ନାଶନ ଧରଣୀରେ ହେଉ,
ଦୁର୍ଗତି ଦର୍ପ ହାରିଣୀ ମା' ତବ କୃପା ବରଷୁ ଥାଉ ।
ଜୟ ମା' ଦୁର୍ଗେ ଦୁର୍ଗତିନାଶିନୀ ମାଆ ସହାୟ ।

ବୋଲଗଡ଼,
ଖୋର୍ଦ୍ଧା

# ଜଗତଜନନୀ

ଜ୍ୟୋସ୍ନା ପଟ୍ଟନାୟକ

ଶରତ ଆକାଶେ ନିର୍ମଳ ଶୋଭା,
ଚଉଦିଗେ ପାଦପ ହୋଇଛି ଉଭା,
ଧବଳ ଚଦର ଢାଙ୍କିଦେଲା ପରି
ଦିଗନ୍ତ ଚୁମୁଛିକାଶତଣ୍ଡୀବିଭା।

ଶେଫାଳୀ କୁସୁମ ଝରି ଆଙ୍ଗନେ
ପରିବେଶ କରେ ସୁଗନ୍ଧମୟ,
ପୁଷ୍କରିଣୀ ଜଳେ ଉଲ୍ଲସେ କମଳ
ଲାଗିହେବା ପାଇଁ ମା' ପୟର।

ପବିତ୍ର ଲଗନେ ଅବତରି ଆସ
ମା'ଦୁର୍ଗା ସସାଗରା ଧରାଧାମେ,
ଅପସରି ଯାଉ କଳୁଷିତ ଯେତେ,
ଦୁଷ୍ଟ ମହିଷାସୁର ନାମେ

ତୁମରି ସ୍ବାଗତେ ଉତ୍ସବ ମୁଖର
ସାରା ନଗରଠୁ ପୁର ପଲ୍ଲୀ,
ଧରାପୃଷ୍ଠକୁ ଆସ ଅବତରି
ଦଶଭୁଜେ ଦଶ ଅସ୍ତ୍ର ଧରି।

ଆଲୋକ ତୋରଣ କୁସୁମମାଳାରେ
ପୂଜାମଣ୍ଡପ ହୋଇ ସଜ୍ଜିତ ,
ଆବାହନ କରିବେ ଜଗତଜନନୀଙ୍କୁ
ଦେଇ ଧୂପଦୀପ ନୈବେଦ୍ୟ।

ବରଷକେ ଥରେ ଧରାପୃଷ୍ଠେ ଆସି
ଦେଉଛ ଏକତାର ବାରତା,
ସବୁ ନରନାରୀ ଭେଦଭାବ ଭୁଲି
ସ୍ମରଣ କରନ୍ତି ତବ ଗାଥା।

ଦୁର୍ଗତିନାଶିନୀ ଦୁଷ୍ଟବିନାଶିନୀ
ଶକ୍ତିସ୍ବରୂପିଣୀ ମା'ଦଶଭୁଜା,
ଅନ୍ୟାୟ ଅନୀତି ନାଶକରି, ତୁମ୍ଭେ,
ଜଗତେ ଉଡ଼ାଇବ ବିଜୟ ଧ୍ୱଜା।

ମଧୁସୁଦନ ନଗର,
ଖୋର୍ଦ୍ଧା



# ପାର୍ବଣ

**ଅଳକା ଦାସ**

ଆସିଗଲା ପାର୍ବଣର ଋତୁ,
ଆମ ଏଇ ପୁଣ୍ୟ ଉତ୍କଳରେ
ବାରମାସ ତେରପର୍ବ
ଶାରଦୀୟ ସ୍ଵଚ୍ଛ ଆକାଶରେ
ଫର୍ଚ୍ଚା ଫର୍ଚ୍ଚା ବାଦଲ ଫାଙ୍କରେ
ଦେଖା ଦେଲେଣି "ମାଆ"
ତ୍ରିଶୂଳଧାରିଣୀ ସିଏ ତ୍ରିନୟନୀ ତାରା
ତାରିବାକୁ ପତିତଜନଙ୍କୁ
ସ୍ଵର୍ଗରୁ ଆସନ୍ତି ଓହ୍ଲାଇ ସିଂହବାହନରେ
ଦୁର୍ଗା ମଣ୍ଡପରେ ପାଇବାକୁ ପୂଜା
ସେ ମୋର ଅତିପ୍ରିୟ ଦଶଭୁଜା ମାଆ
ନଈପଠାରେ କାଶତଣ୍ଡୀ ଫୁଲର ସମ୍ଭାର
ଆଉ ଗଙ୍ଗଶିଉଳିର ମହମହ ବାସ୍ନା
ଘାସ ଗାଲିଚାର କାକରର ସିକ୍ତ ମୁକ୍ତାବିନ୍ଦୁ
ଆଉ ସକାଳର ସୁନେଲି କିରଣ
ବରଷକେ ଥରେ ଆଜି ଆସିଛନ୍ତି ମାଆ
ପୋଖରୀରେ ହସୁଥାଏ ବଧୂବେଶେ କଇଁ,
ଆକାଶରେ ଦେଖି ତା'ର ରୂପାଥାଳି ଚାନ୍ଦ
ଭଅଁରଟା ଗୁଣୁଗୁଣୁ ଗାଏ
ମାଆଙ୍କର ଆବାହନୀ ଗୀତ
ବନ୍ଦନା କରିବା ଆସ ମାଆଙ୍କୁ ସଭିଏଁ
ଆଞ୍ଜୁଳାଏ ଗଙ୍ଗଶିଉଳି
ଆଉ କଇଁଫୁଲେ ମାଳାଟିଏ ଗୁନ୍ଥି
ଭେଟିଦେବା ମାଆଙ୍କର ରାଜୀବ ଚରଣେ
ପାର୍ବଣର ଋତୁ ଆଣିଦେଇ
ସଭିଙ୍କର ସୁଖ ଓ ସମୃଦ୍ଧି

ପଲ୍ଲା, ତୋଟାପଡ଼ା,
ଖୋର୍ଦ୍ଧା

# ମା' ଦଶଭୁଜା

## ସୀମା ମେହେର

ମା' ଦଶଭୁଜା, ଦୁର୍ଗତିନାଶିନୀ ଦୁର୍ଗା
ଆବିର୍ଭୁତ ହେବେ
ନାନା ଆଭୂଷଣ,ଅସ୍ତ୍ରଶସ୍ତ୍ରରେ
ସଜ୍ଜିତ ହୋଇ, ବିଭୂଷିତ ହୋଇ
ଜଗତ ଉଦ୍ଧାର ପାଇଁ ।

ମହିଷାସୁର, ଦୁଃଶାସନ
ନିଃଶେଷ କରି
ଦ୍ରୌପଦୀମାନଙ୍କ ମୁକ୍ତି ପାଇଁ ।

ଅନ୍ୟାୟ, ଅତ୍ୟାଚାରର
ବିଲୋପ କରି
ଆସୁରିକ ଶକ୍ତିର ଅନ୍ତ ପାଇଁ ।

ମା'ଙ୍କ ଆଗମନ ହେବ
ଦୁଷ୍ଟ ଶକ୍ତିର ସଂହାର କରି
ସଂସାରେ ଶାନ୍ତି ସ୍ଥାପନା ପାଇଁ ।

ସ୍ନେହ, ପ୍ରେମ,ପ୍ରୀତି
ଆନନ୍ଦ,ଉଲ୍ଲାସ ପ୍ରାଣେ ପ୍ରାଣେ
ଭରି ଦେବା ପାଇଁ ।

ବରଗଡ଼

# ଦୁର୍ଗତିନାଶିନୀ ମାଆ ଦୁର୍ଗା

ପ୍ରତିମା ମହାରଣା

ଜୟ ଜୟ ମାତ ଦୁର୍ଗତିନାଶିନୀ
ଦୁର୍ଗାରୂପୀ ନାରାୟଣୀ
ଆଶ୍ୱିନେ ମରତେ ହେଲୁ ଆବିର୍ଭୂତା
ମା'ଲୋ ଜଗତକଲ୍ୟାଣୀ ॥

ତୁ' ଯେ ଆଦ୍ୟାଶକ୍ତି ତୁହି ଭଗବତୀ
ସିଦ୍ଧିଦାତ୍ରୀ ବିଜୟିନୀ
ତୋତେ ପୂଜି ରାମ ମାରିଲେ ରାବଣ
ଗୁପତେ ଶକ୍ତିଦାୟିନୀ ॥

ଯୁଗେଯୁଗେ ଧରା ହେଲେ ପାପଗ୍ରସ୍ତ
ଧରୁ ତୁ' ଅନେକ ରୂପ
ମହିଷାସୁରକୁ ନାଶିଲୁ ଧରାରେ
ମହିଷାମର୍ଦ୍ଦିନୀ ମାତ ॥

ସର୍ବଦେବଙ୍କର ଆୟୁଧକୁ ଅସ୍ତ୍ର
ଠୁଳ କଲୁ ଶକ୍ତିରୁପା
ତେଜସ୍ୱିନୀ ହୋଇ ନାଶିଲୁ ଅସୁର
ଜଗତକୁ କଲୁ ରକ୍ଷା ॥

ତୁହି ଅନ୍ନପୂର୍ଣ୍ଣା ତୁ'ଲୋ ମା' ସଂପୂର୍ଣ୍ଣା
ତୁହି ମା' ଜଗଜ୍ଜନନୀ
ଭକତି ଅନ୍ତରେ ଯେ ଡାକେ ତୋତେ ଲୋ
ଶୁଣୁ ତୁ' ତା'ର ଦୟିନୀ ॥

ମା'ଗୋ ଦଶଭୂଜା ଅଯୋନି ଶମ୍ଭୁତା
ଦୁର୍ଗା ରୂପୀ ନାରାୟଣୀ
ଦୁଶକ୍ତି ବିନାଶି ଭରିଦିଅ ଭକ୍ତି
ବାରେ ଶୁଣ ମୋ' ଦୟିନୀ ॥

ପତିତତାରିଣୀ ମା'ଗୋ କାତ୍ୟାୟିନୀ
କୃପାମୟୀ ଜଗଦ୍ଧାତ୍ରୀ
ସବୁ ସଂକଟରେ ସାହାହୁଅ ମାତ
କୋଟି ବ୍ରହ୍ମାଣ୍ଡମୂରତି ॥

ସତ୍ୟ-ଧର୍ମ ପଥ ଦେଖାଅ ସଭିଙ୍କୁ
ହରିନିଅ ପାପତାପ
ମହାମାୟୀ ମହାଦେବୀ ମହାରୂପା
ଘେନ ଆମ ପ୍ରଣିପାତ ॥

କୋରାପୁଟ



# ଦେବୀ ଦୁର୍ଗା

**ଯମେଶ୍ୱର କହଲସିଂହ**

ଲାସ୍ୟମୟୀ ଶରତରେ
ଫୁଲ ଫୁଟେ, ତାରା ହସେ-
ନୀଳ ଆକାଶରେ
ଜୋଛନାର ଆଲୁଅରେ
ଶେଫାଳୀର ମଧୁ ମହକରେ,
କାଶତଣ୍ଡୀ ଲେଖିଯାଏ ଗୀତ.......
ପାର୍ବଣର ପ୍ରାଚୁର୍ଯ୍ୟର
ଅଧା ଖରା ଅଧା ବରଷାରେ
ମନ ପ୍ରାଣ ହୁଏ ଉଲ୍ଲସିତ.......।

ପବନରେ ପଣତ ଉଡ଼ାଇ
ଆସ ମା' ଗୋ ଦେବୀ ଦୁର୍ଗା
ଚରଣ କମଳ ଧୋଇ ଶିଶିର ଜଳରେ,
ଆରୋହଣ କର ମାତ
ସୁସଜ୍ଜିତ ପୂଜା ମଣ୍ଡପରେ.......
ଧୂପ ଦୀପ ମହକ ଭିତରେ.......
ସ୍ନେହ, ଶ୍ରଦ୍ଧା, ଅନୁରାଗ ଭରିଦିଅ
ବର୍ଷାଧୁଆ ବତୁରା ମାଟିରେ.......।

ତୁମ ଦରଶନ ପାଇଁ
ଶରତ ଆଖିରେ କେତେ
ନୀଳକଇଁ ସ୍ୱପ୍ନ........
ଜୋଛନାର ଶୀତଳ ପରଶେ
ପୁଲକ........ଝଲକ........
ସବୁଠି ତ ଅନୁଭୂତ ପାର୍ବଅଣର ସ୍ପର୍ଶ ।

ଧରାବତରଣ କର
ଶକ୍ତିରୂପା ପାପବିନାଶିନୀ.........
ଚଣ୍ଡ, ମୁଣ୍ଡ, ମହିଷ ସଂହାରି,
ଭ୍ରଷ୍ଟାଚାରୀ ଦାନବଙ୍କୁ
ତ୍ରିଶୁଳେ ବିଦାରି
ହୁଅ ତୁମେ ବିପଦ ଭଞ୍ଜନୀ.......।

ଢାଳିଦିଅ ଶାନ୍ତିର ସଲିଳ,
ମଣିଷ ହୃଦ ବେଦୀରୁ
ଲିଭିଯାଉ ଦୁଃଖ ଦାବାନଳ.......
ଲୁପ୍ତ ହେଉ ଭ୍ରଷ୍ଟାଚାର
ମାଗୁଣି ଏ ମାଙ୍ଗଳିକ ପାର୍ବଣ ବେଳରେ,
ଚେତନାର ଲକ୍ଷେ ଦୀପ ଜଳି ଉଠୁ
ପ୍ରତି ମନ ମନ୍ଦିରେ ଏଇ ମୁହୂର୍ତ୍ତରେ ।

**ଲୋକିପୁର, ଗଡ଼ମାଣତୀର,**
**ଖୋର୍ଦ୍ଧା**

# ପ୍ରୀତିର ପାର୍ବଣ ସଂଧ୍ୟା

## ରତ୍ନପ୍ରଭା ବାଇ

ଆଗୋ, ରୂପସୀ ରଜନୀ ଗନ୍ଧା
ପ୍ରିୟତମା ମୋ'ର ପ୍ରୀତିରେ ତୁମର
ଆଜି ମୁଁ, ପଡିଛି ବନ୍ଧା ।। ୦ ।।

ତୁମରି ମନକୁ ଫଗୁଣ ଛୁଇଁଲେ
ରୂପ ଝିଲିମିଲି ଦିଶେ
ତୁମରି ତନୁକୁ ମଳୟ ଛୁଇଁଲେ
ବୟସର ଫୁଲ ବାସେ,
ମଧୁପ ଗାଇଲେ ଆନମନା ତୁମେ
କୁଆଁରୀ ଚପଳ ଛନ୍ଦା ।। ୧ ।।

ତୁମରି ବୁକୁରେ ନିଦାଘ ଲେଖିଲେ
ଝରା ପତରର ଗୀତି
ବରଷା ବଧୂର ନୂପୁର ଗୁଞ୍ଜନେ
ସପନରେ ଭିଜେ ରାତି
ମିଳନ ଆତୁରେ ମତୁଆଲି ତୁମେ
ଅଳସୀ ଅଳକା ନନ୍ଦା ।। ୨ ।।

ଶରତ ଜହ୍ନର ଆଲୁଅରେ ତମେ
କମନୀୟ କଇଁଫୁଲ
ଦରଫୁଟା ହସେ ହୃଦୟକୁ ମୋ'
କରୁଅଛ ହଲଚଲ
ବାଟ ବଣାକରେ ଆଜି ବି ତୁମରି
ପ୍ରେମର ପାର୍ବଣ ସଂଧ୍ୟା ।। ୩ ।।

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ, ଅନୁଗୁଳ



# ମାଆଙ୍କ ପାଇଁ

**ଆରାଧନା ଦାଶ**

ବରଷା ଛାଡ଼ିଛି ପଦଚିହ୍ନ ତା'ର
ଧରିତ୍ରୀର ବକ୍ଷେ ଶ୍ୟାମଳ ବିଭା,
ଶୁଭ୍ର ଶରତର ଧବଳ ସ୍ୱାକ୍ଷର
କାଶତଣ୍ଡୀ ଫୁଲ କି ମନଲୋଭା !

ଦୂର ଦିଗନ୍ତରେ ଦିଶିଯାଏ କେବେ
ଭସା ବାଦଲର ବୋଇତ ମାଳ,
ଗଙ୍ଗଶିଉଳିର ବାସ ଚହଟଇ
ସତେକି ମାଆଙ୍କ ପାଇଁ ପାଗଳ ।

ଘାସ ଗାଲିଚାରେ ମୁକୁତାର ଭ୍ରମ
ହିମ ଶିଶିରର ମୁକ୍ତ ପତନ,
ଶରତ ଶୁଣାଏ ହେମନ୍ତର ଗୀତ
ପ୍ରକୃତି କରିଛି କେଡ଼େ ଯତନ ।

ନାନା ବିଧ ବର୍ଣ୍ଣ ପଶରାକୁ ଧରି
ଶରତ ଆସିଛି ମରତ ଭୂଇଁ,
ଜୋଛନା ପରଶେ ହସୁଅଛି ପୁଣି
ତଡ଼ାଗର ବକ୍ଷେ ଫୁଲେଇ କଇଁ ।

ଶୁଭ୍ରମୟ ଶୋଭା ସମ୍ଭାର ସଜାଇ
ପ୍ରକୃତି ଗାଉଛି କି ଆବାହନୀ,
ପୁଣ୍ୟ ପାର୍ବଣର ପବିତ୍ର ତିଥିରେ
ମର୍ତ୍ତ୍ୟକୁ ଆସିବେ ଜଗଜ୍ଜନନୀ ।

ପୁଣ୍ୟର ପସରା ଧରି ସେ ଆସିବେ
ଜଗତର ପାପ ନାଶନ ପାଇଁ,
ଓଁକାର ସୁରେ  ଅପରୂପ ଛନ୍ଦେ
ଧରା ସାଜିଅଛି ସରଗଭୂଇଁ ।

କରୁଣାମୟୀ ଗୋ ଜଗତକଲ୍ୟାଣୀ
ମହିଷମର୍ଦ୍ଦିନୀ ମାଆ ଭବାନୀ,
ନବୀନ ଚେତନା ନବ ଉଦ୍ଦୀପନା
ଭରିଦିଅ ପ୍ରାଣେ ବିଶ୍ୱଜନନୀ ।

**ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ**
**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**



# ଗୋ କଲ୍ୟାଣୀ

**ଜୟଶ୍ରୀ ପଟ୍ଟନାୟକ**

ଦୁଃଖ ପାରାବାରୁ
ଉଦ୍ଧରୁ ବୋଲି ତ
ତୁହି ମା' ଦୁର୍ଗା ଭବାନୀ
ଚିର ବନ୍ଦନୀୟା
ମଙ୍ଗଳମୟୀ ମା'
ମହିଷାସୁର ମର୍ଦ୍ଦିନୀ ।। ୦ ।।

ଅଧର୍ମ, ଅସତ୍ୟ
ସଂହାରକାରିଣୀ
ପାପ ବିମୋଚନୀ ମାଆ
ସର୍ବ ଦେବତାଙ୍କ
ତେଜରୁ ଜନ୍ମି ତୁ
ହୋଇଲୁ ଦେବଙ୍କୁ ସାହା,
ଦୈତ୍ୟ ବିନାଶିନୀ
ତ୍ରିତାପ ହାରିଣୀ
ତୁହି ମା' ଜଗଜ୍ଜନନୀ ।। ୧ ।।

ସପ୍ତଶତୀ ଚଣ୍ଡୀ
ରୂପେ ଧ୍ୟାୟି ତୋତେ
ବନ୍ଦନା ମା' କରୁଥା'ନ୍ତି
ଜପ-ତପ-ଯଜ୍ଞ
ପୂଜା ଆରାଧନେ
ନବଶକ୍ତି ପୁଜୁଥା'ନ୍ତି,
ପ୍ରକୃତି ପ୍ରବୃତ୍ତି
ଅହଂଭାବ ମନୁ
ଦୁରିତ କରୁ କଲ୍ୟାଣୀ ।। ୨ ।।

**ଗଙ୍ଗନଗର ଛକ, ଭୁବନେଶ୍ୱର**

# ଦୁଷ୍ଟ ସଂହାରି ଦେବୀ



**ହାସ୍ୟମୟୀ ରାଜ**

ଆସୁଚ ବୋଲି ତୁମେ ଗୋ ମା'
ଆଖିରେ ନାହିଁ ନିଦ
ଖୁସିର ନାହିଁ ସୀମା କାହାର
ତଳେ ଲାଗେନି ପାଦ ।

ଗାଁ'ରୁ ପୁଣି ସହର ଯାଏ
ପାର୍ବଣର ବାସ
ମନରେ ଭରେ ଅମାପ ଶକ୍ତି
ଓଠରେ ଭରେ ହସ ।

ଦେବୀ ତ ତୁମେ ଦୁଷ୍ଟ ସଂହାରି
ଅପରୂପ ଯେ ରୂପ
ସବୁ ହିସାବ ତୁମ ପାଖରେ
ପୁଣ୍ୟଠାରୁ ପାପ ।

ସତ୍ୟ ଠାରୁ ମିଥ୍ୟା ଆଜି
କେମିତି ଯାଏ ବଳି
ସ୍ୱାର୍ଥ ନିଆଁରେ ଅଧର ହସ
ନିମିଷେ ଯାଏ ଜଳି ।

ଆଖିର ଲୁହ ପୋଛିବା ଲୋକ
ଆଖିରେ ଲୁହ ବନ୍ୟା
ଜୀବନ ନେଇ ହସୁଛି ଯିଏ
ଜଗତେ ହୁଏ ଧନ୍ୟା ।

ମହିଷାସୁର ଭିଡ଼ରେ ଆଜି
ଅଣନିଃଶ୍ୱାସୀ ମହୀ
ସୃଷ୍ଟିକୁ ଯିଏ ସବୁଜ କରେ
କାନ୍ଦେ ରହି ରହି ।

କହି ହୁଏନି ସହି ହୁଏନି
ବିପରୀତ ଏ ରୀତି
ଭାବିଲେ ଥରେ ଦୁନିଆ ଗତି
ମନରେ ଖେଳେ ଭିତି ।

ତମେ ତ ଆସ ବରଷେ ଥରେ
କହିବାକୁ ଏ କାନେ
ପାପର ଫଳ ପିତା କି କଷା
ଚାଖିବ ନିଶ୍ଚେ ଦିନେ ।

କୋଟି ହୃଦୟ ଅପେକ୍ଷା କରେ
ଶୁଣିବାକୁ ଏ କଥା
ତୁମେ ଆସିବ ବୁଝେଇ ଦେବ
ହରିବ ମନୁ ବ୍ୟଥା ।

ମା' ତ ତୁମେ ତୁମଠୁ ବଳି
ହୃଦୟ କିଏ ବୁଝେ
ସେଥିପାଇଁ ତ ଶାରଦ କାଳେ
ମନ ତୁମକୁ ଖୋଜେ ।

ଓରାଳି, ହାଟଡିହି,
କେନ୍ଦୁଝର



# ଦେବୀ କୃପା

ନିଶିକାନ୍ତ କହଲସିଂହ


- : ଦେବୀ : -

ଦେବୀ! ତ ଏମିତି ଶବ୍ଦ
ଉଚ୍ଚାରଣେ ଆକ୍ରାନ୍ତ ମୁଁ
ଆତ୍ମବିସ୍ମୃତିରେ.....,
ନିତି ନିଦେ ସପନରେ
ତା' ନୂପୁର ଶବ୍ଦ ଶୁଣେ
ନିଃଶବ୍ଦ ରାତିରେ.....||

- : କୃପା : -

ଦେବୀ କୃପା ଝରିଗଲେ
ନିମିଷକେ ନିର୍ବାପିତ
ଅଧର୍ମ ଅନଳ.......,
ପାପର ପଙ୍କରୁ ଧୀରେ
ଜନ୍ମନିଏ ପୁଣ୍ୟର-
ଶୁଭ୍ର ଶତଦଳ......||

ଲୋକିପୁର, ଗଡ଼ମାଣତୀର,
ଖୋର୍ଦ୍ଧା



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ